**ପୋଖରୀରେ ବୁଡ଼ି ୪ର୍ଥ ଶ୍ରେଣୀ ଛାତ୍ର ମୃତ**

ରାଜନଗର,(ଡି.ଏନ.ଏ.):ରାଜନଗର ଥାନା ଅନ୍ତର୍ଗତ ଘଡିଆମାଳ ଗାଁର ବସନ୍ତ ଦାସଙ୍କ ୯ ବର୍ଷର ପୁଅ ଗଣେଶ ପୋଖରୀରେ ବୁଡି ପ୍ରାଣ ହରାଇଛନ୍ତି। ଗଣେଶ ଗାଁର ନୋଡାଲ ଉପ୍ରା ବିଦ୍ୟାଳୟକୁ ପଢିବାକୁ ଯାଉଥିଲେ। ମଙ୍ଗଳବାର ସ୍କୁଲରେ ବହି ଦିଆଯାଇଥିଲା। ଗଣେଶ ପୋଖରୀ ହୁଡାରେ ବହି ବ୍ୟାଗ ଓ ସେ ପିନ୍ଧି ଥିବା ଡ୍ରେସ ରଖି ଗାଧୋଉଥିଲେ । କୌଣସି କାରଣରୁ ପୋଖରୀରେ ସେ ବୁଡ଼ି ଯାଇଥିଲେ। ପରିବାର ଲୋକେ ପୁଅକୁ ନ ପାଇ ଖୋଜା ଖୋଜି କରିବା ପରେ ଦିନ ପ୍ରାୟ ୨ଟାରେ ପୋଖରୀରେ ମୃତଦେହ ଭାସୁଥିବା ଦେଖିଥିଲେ। ତାଙ୍କୁ ତୁରନ୍ତ ।ଜେନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଣାଯାଇଥିଲା। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

## ସଂକ୍ଷେପରେ

### ଯୌତୁକ ପାଇଁ ବଧୂହତ୍ୟା ଅଭିଯୋଗ

ରାଜନଗର,୨୯।୩(ଡି.ଏନ.ଏ.): ରାଜନଗର ଥାନା ଅଧୀନ ଏଣ୍ଡୁଲାପୁର ଗାଁରେ ଯୌତୁକ ପାଇଁ ରୁକ୍ମଣୀ ନାମ୍ନୀ ଜଣେ ମହିଳଙ୍କୁ ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି। ଜୟପୁର ଗାଁର ବୃନ୍ଦାବନ ସ୍ୱାଇଁଙ୍କ ଝିଅ ରୁକ୍ମଣୀ ୧୩ ବର୍ଷ ତଳେ ଶିଶିର ନାୟକଙ୍କୁ ବିବାହ କରିଥିଲେ। ବିବାହ ସମୟରେ ନଗଦ ୫୦ହଜାର ଟଙ୍କା ସହିତ ସୁନା, ରୂପା ଅଳଙ୍କାର ଓ ଘରକରଣା ସାମଗ୍ରୀ ଦିଆଯାଇଥିଲା। ବିବାହ ପରେ ଯୌତୁକ ପାଇଁ ଶାଶୁଘର ଲୋକେ ରୁକ୍ମଣୀଙ୍କୁ ଶାରୀରିକ ଓ ମାନସିକ ନିର୍ଯାତନା ଦେଇ ଆସୁଥିଲେ। ସୋମବାର ଦ୍ୱିପ୍ରହରରେ ସ୍ୱାମୀ ଶିଶିର, ଶ୍ୱଶୁର ଅନାଦି, ଶାଶୁ ହଗୁରୀ, ଦେଢଶୁର କୁବେର, ଯାଆ ସଞ୍ଜୁ, ଦିଅର ସୁଧିର ଏବଂ ସଞ୍ଜୁଆ ପ୍ରମୁଖ ମିଳିମିଶି ତଣ୍ଟି ଚିପି ରୁକ୍ମଣୀଙ୍କୁ ହତ୍ୟା କରିଥିବା ଅଭିଯୋଗ ହୋଇଛି।ପୋଲିସ ଅଭିଯୋଗ ପାଇବା ପରେ ମୃତଦେହ ଜବତ କରିଛି। ତଦନ୍ତ ଜାରି ରହିଛି ବୋଲି ଆଇଆଇସି ତପନ କୁମାର ନାୟକ ସୂଚନା ଦେଇଛନ୍ତି।

### ଶ୍ରୀରାମ ଚରିତ ମାନସ କମିଟିର ପ୍ରସ୍ତୁତି ବୈଠକ

ପଟ୍ଟାମୁଣ୍ଡାଇ,୨୯।୩ (ସ୍ୱ.ପ୍ର.): ଶ୍ରୀରାମ ଚରିତ କଥାମୃତ ପ୍ରଚାରିଣୀ ସଭା ଓ ପଟ୍ଟାମୁଣ୍ଡାଇ ବଣିକ ସଂଘ ଆନୁକୂଲ୍ୟରେ ୩୧ତମ ବାର୍ଷିକ ଶ୍ରୀରାମ ଚରିତ ମାନସ ନବାହ୍ନ ପାରାୟଣ ଓ ପ୍ରବଚନ କାର୍ଯ୍ୟକ୍ରମ ପାଇଁ ପ୍ରସ୍ତୁତି ବୈଠକ ପଟ୍ଟାମୁଣ୍ଡାଇ ଶ୍ରୀରାମ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ରାମଚରିତ ମାନସ କମିଟିର ଉପସଭାପତି କିରଣ କୁମାର ଭୂୟାଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ସମ୍ପାଦକ ପ୍ରଫୁଲ୍ଲ ଚନ୍ଦ୍ର ଲେଙ୍କା, ଯୁଗ୍ମ ସମ୍ପାଦକ ଚତୁର୍ଭୁଜ ରାଉଳ, କୋଷାଧ୍ୟକ୍ଷ ପର୍ଶୁରାମ ଷଣ୍ଢ, ପଟ୍ଟାମୁଣ୍ଡାଇ ବଣିକ ସଂଘ ସଭାପତି ଗୋପୀନାଥ କର, ଉପସଭାପତି ମୋହନ ଦାସ, ରାମଚରିତ ମାନସ କମିଟିର ବରିଷ୍ଠ ସଦସ୍ୟ ତ୍ରିଲୋଚନ ଜେନା, ବଂଶୀଧର ନାୟକ, ଅଚ୍ୟୁତାନନ୍ଦ ଜେନା ପ୍ରମୁଖ ଯୋଗ ଦେଇଥିଲେ। ଏପ୍ରିଲ ୨ରୁ ୧୦ ତାରିଖ ପର୍ଯ୍ୟନ୍ତ ନବଦିନ ବ୍ୟାପୀ ଶ୍ରୀରାମଚରିତ ମାନସ ନବାହ୍ନ ପାରାୟଣ ଅନୁଷ୍ଠିତ ହେବ ବୋଲି ନିଷ୍ପତ୍ତି ନିଆଯାଇଥିଲା। ଶ୍ରୀରାମ ଚରିତ ମାନସ ନବାହ୍ନ ପାରାୟଣରେ ଆଚାର୍ଯ୍ୟ ରୂପେ ରାଧାମୋହନ ତ୍ରିପାଠୀ କାର୍ଯ୍ୟ ସମ୍ପାଦନ କରିବାକୁ ସ୍ଥିର ହୋଇଥିବାବେଳେ ଏହାକୁ ରାଧାରମଣ ମଠ ମହନ୍ତ ଅସୀମାନନ୍ଦ ଦାସମହାରାଜ ଉଦ୍‌ଘାଟନ କରିବାର କାର୍ଯ୍ୟକ୍ରମ ସ୍ଥିର କରାଯାଇଥିଲା।

### ଧର୍ମଘଟ ବେଳେ ଚାଳକଙ୍କୁ ସହାୟତା କଲା ଜେଏସ୍‌ଡବ୍ଲ୍ୟୁ



ପାରାଦୀପ,୨୯।୩(ସ୍ୱ.ପ୍ର.): ପାରାଦୀପ ବନ୍ଦରରେ ବିଭିନ୍ନ କେନ୍ଦ୍ରୀୟ ଟ୍ରେଡ ୟୁନିୟନ ଦୁଇଦିନିଆ ଧର୍ମଘଟ ଡାକରା ଦେଇଥିଲେ। ଏହି ସମୟରେ ବନ୍ଦର ନିଷିଦ୍ଧାଞ୍ଚଳ ଜେଏସ୍‌ଡବ୍ଲ୍ୟୁ ଟର୍ମିନାଲ ମଧରେ ପ୍ରାୟ ୪୦୦ରୁ ଅଧିକ ଟ୍ରକ ଚାଳକ ରହି ଯାଇଥିଲେ। ସେମାନଙ୍କୁ କମ୍ପାନୀ ଦୁଇଦିନ ଧରି ଖାଇବା ରହିବାର ବ୍ୟବସ୍ଥା କରିଥିଲା। କମ୍ପାନୀର ଏଭଳି ସହାୟତାକୁ ନେଇ ଚାଳକମାନେ ଖୁସି ବ୍ୟକ୍ତ କରିଛନ୍ତି ବୋଲି ମହାକାଳପଡ଼ା ଚାଳକ ସଂଘ ସଭାପତି ଶିଶିର ମହାନ୍ତି କହିଛନ୍ତି। ଏପରି ସାହାଯ୍ୟ ଚାଳକଙ୍କ ପାଇଁ ବଳବତ୍ତର ରହିବ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି।

# ସଂଖ୍ୟା ଅଧିକ ସତ୍ତ୍ୱେ ବିଜେଡିର ବିଦ୍ରୋହୀଙ୍କୁ ଡର

- କେନ୍ଦ୍ରାପଡ଼ା ପୌର ଉପାଧ୍ୟକ୍ଷ ପଦକୁ ନେଇ ଅଙ୍କକଷା ଛିଡୁନି
- ଦଳୀୟ ହୁଇପ ଅପେକ୍ଷାରେ କାଉନ୍‌ସିଲର ଗଣ
- ଦୁଇ ପୁଷ୍ପାଙ୍କ ମଧ୍ୟରୁ ଜଣେ ହାତେଇପାରନ୍ତି ଉପାଧ୍ୟକ୍ଷ ପଦ

କେନ୍ଦ୍ରାପଡ଼ା ଅଫିସ, ୨୯।୩

କେନ୍ଦ୍ରାପଡ଼ା ପୌର ପରିଷଦ ନିର୍ବାଚନ ସରିଛି। ଅଧ୍ୟକ୍ଷା ପଦରେ ବିଜେଡିର ସରିତା ସାହୁ ପ୍ରତ୍ୟେକ ୱାର୍ଡରୁ ବିଜୟ ସଂଖ୍ୟକ ଭୋଟ ପାଇ ନିର୍ବାଚିତ ହୋଇଛନ୍ତି। ତେବେ ଉପାଧ୍ୟକ୍ଷ ପଦବୀ ପାଇଁ ବିଜେଡି ରାଜନୈତିକ ଗଣିତ ଅଛିଣ୍ଡା ହୋଇଛି। ବିଜେଡିର କାଉନସିଲର ସଂଖ୍ୟା ଅଧିକ ସତ୍ତ୍ୱେ ମଧ ବିଜୟୀ ବିଦ୍ରୋହୀ କାଉନ୍‌ସିଲର ଏହି ଗଣିତକୁ ଓଲଟପାଲଟ କରିବା ସମ୍ଭାବନା ଅଛି। ଅପରପକ୍ଷରେ ସମସ୍ତ ବିଜୟୀ କାଉନ୍‌ସିଲର ଉପାଧ୍ୟକ୍ଷ ପଦବୀ ପାଇଁ ଆଶାୟୀ ଥିବା ବେଳେ ଦଳୀୟ ହସ୍ତକ୍ଷେପ ବା ହୁଇପକୁ ଅପେକ୍ଷା କରିଛନ୍ତି। ତେବେ ଦୁଇ ପୁଷ୍ପାଙ୍କ ମଧ୍ୟରେ ଜଣେ ଉପାଧ୍ୟକ୍ଷ ପଦବୀ ପାଇପାରନ୍ତି ବୋଲି ରାଜନୈତିକ ବିଶ୍ଳେଷକ ମତ ଦେଇଛନ୍ତି।

ଏ ସମ୍ପର୍କରେ ସହରର ମୀର ଅବୁ ଓବେଦା, ବୁଦ୍ଧିଜୀବୀ ଗଣେଶ ଚନ୍ଦ୍ର ସାମଲ, ଚିତ୍ତରଞ୍ଜନ ସାହୁ ପ୍ରମୁଖ ଦର୍ଶାଇଛନ୍ତି, ବିଜେଡିର ଠିକ୍ ଗୋଟି ଚାଳନା ହିଁ ଏହାର ସମାଧାନ କରିପାରିବ। ପୌରାଞ୍ଚଳର ୨୧ ୱାର୍ଡରୁ ୧୧ ବିଜେଡି, ୫ଟି କଂଗ୍ରେସ, ୪ଟି ବିଦ୍ରୋହୀ ବିଜେଡି ଓ ଗୋଟିଏ ୱାର୍ଡରେ ଭାଜପା କାଉନ୍‌ସିଲର ପ୍ରାର୍ଥୀ ବିଜୟୀ ହୋଇଛନ୍ତି। ଉପାଧ୍ୟକ୍ଷ ପଦବୀ ପାଇଁ ପ୍ରଥମ ଦାବିଦାର ଥିବା ମଙ୍ଗଳବରଣ ସିଂହ ଓ ନିକଟରେ କଂଗ୍ରେସରୁ ବିଜେଡିରେ ସାମିଲ ହୋଇଥିବା ଶରତ କୁମାର ବେହେରା ନିର୍ବାଚନରେ ହାରି ଯାଇଛନ୍ତି। ବିଜୟୀ କାଉନ୍‌ସିଲଙ୍କ ମଧ୍ୟରୁ ପ୍ରଭାଶିଷ ପଣ୍ଡା କେନ୍ଦ୍ରାପଡ଼ା ବିଧାୟକ ଶଶିଭୂଷଣ ବେହେରା ଓ ପୂର୍ବତନ ବିଧାୟକ କିଶୋର ଚନ୍ଦ୍ର ତରାଇଙ୍କ ଘନିଷ୍ଠ। ସେହିପରି ଉମେଶ ଚନ୍ଦ୍ର ନାୟକ ସର୍ବାଧିକ ଭୋଟ ପାଇ ଉପାଧ୍ୟକ୍ଷ ପଦବୀକୁ ଆଶା କରିଛନ୍ତି। ତେବେ ୨ ନଂ. ୱାର୍ଡର ବିଜୟୀ ସ୍ୱାଧୀନ ପ୍ରାର୍ଥୀ କାଳି ପ୍ରସାଦ ମିଶ୍ର ଉପାଧ୍ୟକ୍ଷ ପଦବୀ ପାଇଁ ଗୋଟିଚାଳନା ଆରମ୍ଭ କରିଛନ୍ତି। ଚଳିତ ନିର୍ବାଚନ ସମୟରେ ବିଜେଡି ଟିକେଟ ପାଇ ନ ଥିବାରୁ ସ୍ୱାଧୀନ ଭାବେ ଲଢ଼ିଥିବା ମିଶ୍ରଙ୍କ ସମେତ ୪ ଜଣଙ୍କୁ ବିଜେଡି ନିଲମ୍ବିତ କରିଥିଲା। ଏମାନେ ଦଳକୁ ଫେରି ଉପାଧ୍ୟକ୍ଷ ପଦବୀ ହାସଲ କରିବାକୁ ଯୋଜନା କରିଛନ୍ତି। ଦଳୀୟ ପ୍ରାର୍ଥୀ ନ ହେଲେ ଉପାଧ୍ୟକ୍ଷ ପଦବୀ ପାଇଁ ବିଜୟୀ କଂଗ୍ରେସ, ଭାଜପା ଓ ସ୍ୱାଧୀନ କାଉନ୍‌ସିଲର ଏକାଠି ହେବା ସମ୍ଭାବନା ଅଛି। ଏଥିସହ ବିଜେଡିରୁ ଜଣେ କାଉନସିଲର ହାତକୁ ଆସିଲେ ବିରୋଧୀଙ୍କୁ ଉପାଧ୍ୟକ୍ଷ ପଦବୀ ମିଳିବାରେ ଅସୁବିଧା ନାହିଁ। ତେବେ ନିଲମ୍ବିତ ପ୍ରାର୍ଥୀ ଦଳକୁ ଫେରିଲେ ଦଳୀୟ କାଉନସିଲରଙ୍କ ମଧ୍ୟରେ ଭବିଷ୍ୟତରେ କନ୍ଦଳ ଲାଗିବା ସମ୍ଭାବନା ଅଛି। ଏ କ୍ଷେତ୍ରରେ ୧ ନଂ. ୱାର୍ଡରେ ବିଜୟୀ ହୋଇଥିବା ପୁଷ୍ପଲତା ବେହେରା ଓ ୧୧ ନଂ. ୱାର୍ଡରେ ବିଜୟୀ ପୁଷ୍ପାଞ୍ଜଳି ବସ୍ତିଆ ବିଜେଡି ପାଇଁ ଟ୍ରମ୍ପ କାର୍ଡ ସାଜିଛନ୍ତି। ୧୧ ନଂ. ୱାର୍ଡର ବିଜୟୀ ବସ୍ତିଆ ହେଉଛନ୍ତି ପୂର୍ବତନ କାଉନସିଲର ହିରଣ୍ୟ କୁମାର ପଣ୍ଡାଙ୍କ ସ୍ତ୍ରୀ। ହିରଣ୍ୟ କୁମାର ଦଳୀୟ କାର୍ଯ୍ୟକ୍ରମ ସହ ଜୀବନ ବିନ୍ଦୁ କାର୍ଯ୍ୟକ୍ରମରେ ଯୋଡି ହୋଇ ଦଳୀୟ ନେତା ଓ ପୌରାଞ୍ଚଳବାସୀଙ୍କ ଆସ୍ଥାଭାଜନ ହୋଇଛନ୍ତି। ଏଥିସହ ୧୧ ନଂ. ୱାର୍ଡରେ ଦଳୀୟ ଅଧ୍ୟକ୍ଷାଙ୍କ ସହିତ ସମାନ ଭୋଟ ପାଇ ବସ୍ତିଆ ଚର୍ଚ୍ଚାରେ ଅଛନ୍ତି। ସେହିପରି ୧ ନଂ. ୱାର୍ଡରେ ବିଜୟୀ ବେହେରା ଓ ୨ ନଂ. ୱାର୍ଡର ବିଜୟୀ ସ୍ୱାଧୀନ ପ୍ରାର୍ଥୀ କାଳିପ୍ରସାଦଙ୍କ ଗୋଟିଏ ବିଜୟ ଶୋଭାଯାତ୍ରାରେ ସାମିଲ ହେବା ଉପାଧ୍ୟକ୍ଷ ପଦବୀକୁ ନେଇ ଅଙ୍କକଷା ଆରମ୍ଭ ହୋଇଛି। ଦଳୀୟ ପଦକ୍ଷେପକୁ ସହରବାସୀ ଅପେକ୍ଷା କରିଥିବା ବିଶ୍ଳେଷକମାନେ ପ୍ରକାଶ କରିଛନ୍ତି।

## ପୋଲିସ ବିରୋଧରେ କାର୍ଯ୍ୟାନୁଷ୍ଠାନ ଶୂନ୍



ଖବରଦାତା ସମ୍ମିଳନୀରେ ଶୁଭାଶିଷ, ଦୁଷ୍ମନ୍ତ ଓ କମଳିନୀ।

ଆଳି,୨୯।୩(ଡି.ଏନ୍.ଏ.)

ହାଇକୋର୍ଟଙ୍କ ନିର୍ଦ୍ଦେଶ ଅନୁଯାୟୀ ଆଳି ଥାନା ଅଧିକାରୀ ଓ ଅନ୍ୟ ୨ କର୍ମଚାରୀଙ୍କ ବିରୋଧରେ ସେହି ଥାନାରେ ମାମଲା ରୁଜୁ ହୋଇଛି। କିନ୍ତୁ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ହେଉ ନ ଥିବାରୁ ପୋଲିସ ଆକ୍ରୋଶର ଶିକାର ହୋଇଥିବା ଖବରଦାତା ଦୁଷ୍ମନ୍ତ ଆଚାର୍ଯ୍ୟ, ତାଙ୍କ ସ୍ତ୍ରୀ କମଳିନୀ ଆଚାର୍ଯ୍ୟ ଓ ସାମାଜିକ କର୍ମୀ ଶୁଭାଶିଷ ଷଡଙ୍ଗୀ ମଙ୍ଗଳବାର ଏକ ଖବରଦାତା ସମ୍ମିଳନୀରେ ମୁହଁ ଖୋଲିଛନ୍ତି।

ସୂଚନା ଅନୁଯାୟୀ, ୨୦୨୧ ନଭେମ୍ବର ୨୮ ବିଳମ୍ବିତ ରାତିରେ ଏକ ଗୋରୁ ବୋଝେଇ ଗାଡ଼ିକୁ ଥାନାଠାରୁ ମାତ୍ର ୨୦୦ ମିଟର ଆଠକଣିଆ ଛକରେ ସାମାଜିକ କର୍ମୀ ଶୁଭାଶିଷ ଷଡଙ୍ଗୀ, ସଞ୍ଜୟ ବ୍ରହ୍ମ ଅଟକ ରଖି ଆଳି ଥାନା ପୋଲିସକୁ ଖବର ଦେଇଥିଲେ। ଏ ସଂକ୍ରାନ୍ତରେ ଜାଣିବା ପରେ ଖବର ସଂଗ୍ରହ ପାଇଁ ସେଠାରେ ଦୁଷ୍ମନ୍ତ ପହଞ୍ଚିଥିଲେ। ଉଭୟ ଗୋରୁ ବୋଝେଇ ଗାଡ଼ିକୁ ସେଠାରେ ଅଟକାଇ ଥାନାକୁ ଆସି ଖବର ଦେଇଥିଲେ। ପୋଲିସ ସେଠାରେ ପହଞ୍ଚି ଗୋରୁ ବୋଝେଇ ଗାଡ଼ିକୁ ଛାଡି ଦେଇ ରାତିସାରା ଶୁଭାଶିଷ, ସଞ୍ଜୟ ଓ

### ଅଟକ ଗୋରୁ ଗାଡ଼ି ଛାଡ଼ିବା ଘଟଣା

ଖବରଦାତା ଦୁଷ୍ମନ୍ତଙ୍କୁ ଥାନାରେ ଅଟକ ରଖି ନିର୍ଯାତନା ଦେବା ସହ ମିଛ ମାମଲାରେ ଛନ୍ଦି ଗିରଫ କରିଥିଲା। ଏ ନେଇ ଦୁଷ୍ମନ୍ତଙ୍କ ସ୍ତ୍ରୀ କମଳିନୀ ଥାନାରେ ପହଞ୍ଚି ଘଟଣା ସମ୍ପର୍କରେ ପୋଲିସକୁ ପଚାରିବାରୁ ତାଙ୍କୁ ଦୁର୍ବ୍ୟବହାର ପ୍ରଦର୍ଶନ କରାଯାଇଥିଲା। ଏ ନେଇ କମଳିନୀ ପୋଲିସ ବିରୋଧରେ ଅଭିଯୋଗ କରିବାକୁ ଥାନାକୁ ଯାଇଥିବା ବେଳେ ପୋଲିସ ଅଭିଯୋଗ ରଖି ନ ଥିଲା। ଏ ନେଇ ସେ ହାଇକୋର୍ଟରେ ମାମଲା ଦାଏର କରିଥିଲେ। ହାଇକୋର୍ଟଙ୍କ ନିର୍ଦ୍ଦେଶ ପରେ ଥାନା ଅଧିକାରୀ ସଲିଲ ପ୍ରଧାନ, ଏସ୍‌ଆଇ ପ୍ରଦୋଷ ପଟ୍ଟନାୟକଙ୍କୁ ଅନ୍ୟତ୍ର ବଦଳି କରାଯାଇଛି। ସେମାନଙ୍କ ନାମରେ ଆଳି ଥାନାରେ ମାମଲା ରୁଜୁ ହୋଇଛି, ମାତ୍ର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ। ତୁରନ୍ତ ଏହି ମାମଲାରେ ସମ୍ପୃକ୍ତ ଥିବା ଥାନା କର୍ମଚାରୀଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଶୁଭାଶିଷ, ଦୁଷ୍ମନ୍ତ ଓ କମଳିନୀ ଦାବି କରିଛନ୍ତି।

## ୧୪୪ ଧାରା ଭାଙ୍ଗି ଶ୍ରଦ୍ଧାଳୁଙ୍କ ବାରୁଣୀ ବୁଡ଼



ଶ୍ରଦ୍ଧାଳୁମାନେ ଦଶାଶ୍ୱମେଧ ଘାଟଠାରେ ପିଣ୍ଡ ପକାଉଛନ୍ତି।

ଯାଜପୁର ଟାଉନ,୨୯।୩(ଡି.ଏନ.ଏ.)

ଯାଜପୁର ଦଶାଶ୍ୱମେଧ ଘାଟଠାରେ ବାରୁଣୀ ବୁଡ଼ ପାଇଁ ମାର୍ଚ୍ଚ ୨୯ ଓ ୩୦ ତାରିଖ ୨ଦିନ ଥିବାବେଳେ ଜିଲା ପ୍ରଶାସନ ପକ୍ଷରୁ ଉକ୍ତ ୨ ଦିନ ଦଶାଶ୍ୱମେଧ ଘାଟଠାରୁ ବଲ୍ଲଭିଘାଟ ପର୍ଯ୍ୟନ୍ତ ୧୪୪ ଧାରା ଜାରି କରାଯାଇଛି। ମାତ୍ର ଉକ୍ତ କଟକଣା ଭାଙ୍ଗି ମଙ୍ଗଳବାର ଭୋର ୪ ଘଟିକାରୁ ଜିଲା ଏବଂ ଜିଲା ବାହାରୁ ହଜାରହଜାର ସଂଖ୍ୟକ ଶ୍ରଦ୍ଧାଳୁ ଆସି ବୁଡ଼ ପକାଇ ଥିଲେ। ଖବର ପାଇ ପୋଲିସ ଓ ତହସିଲଦାର ପହଞ୍ଚି ଏଠାରେ ବୁଡ଼ ଓ ପିଣ୍ଡ ପକାଇଥିବା ଲୋକମାନଙ୍କୁ ଘଉଡ଼ାଇ ବିଦା କରିଥିଲେ। ବୈତରଣୀ ନଦୀର ଦଶାଶ୍ୱମେଧ ଘାଟଠାରେ ବ୍ୟାରେଜ ନିର୍ମାଣ ହେଉଥିବାରୁ ଏହି ଘାଟରେ ଗାଧୋଇବା ବିପଦପୂର୍ଣ୍ଣ ଦର୍ଶାଇ ଚଳିତବର୍ଷ ବାରୁଣୀ ବୁଡ଼କୁ ନିଷେଧ କରାଯାଇଛି। ଏଥିପାଇଁ ପୋଲିସ ପକ୍ଷରୁ ଡାକବାଜି ଯନ୍ତ୍ର ଯୋଗେ ପ୍ରଚାର କରାଯାଇ ୧୪୪ ଧାରା ଜାରି କରାଯାଇଥିଲା। ଏହାକୁ ଅମାନ୍ୟ କଲେ ଆଇନ ଅନୁଯାୟୀ ଦଣ୍ଡିତ ହେବେବୋଲି ପୋଲିସ ପକ୍ଷରୁ ଜଣାଇ ଦିଆଯାଇଥିଲା। ହେଲେ ନିୟମ କାର୍ଯ୍ୟକାରୀ ହୋଇ ପାରିଲା ନାହିଁ। ଅନ୍ୟପକ୍ଷରେ ୨ବର୍ଷ ହେବ କରୋନା ଯୋଗୁ ବାରୁଣୀ ବୁଡ଼କୁ ବାରଣ କରାଯାଇଥିଲା। ତେବେ ଚଳିତ ବର୍ଷ ଯୋଗ ପଡ଼ିଥିଲେ ମଧ ଶ୍ରଦ୍ଧାଳୁ ବାରୁଣୀରେ ବୁଡ଼ ପକାଇ ନ ପାରିବରୁ ଅସନ୍ତୋଷ ବ୍ୟକ୍ତ କରିଛନ୍ତି।

## ଏମ୍‌ଜିଏନ୍‌ଆରଇଜିଏସ୍‌ର ୬୨୭ ପ୍ରକଳ୍ପ ସରିନି

### ବ୍ଲକସ୍ତରୀୟ ଜନଶୁଣାଣି

ବିରିଡି,୨୯।୩(ଡି.ଏନ.ଏ.)

ଜାତୀୟ ଖାଦ୍ୟ ସୁରକ୍ଷା ଆଇନ ୨୦୧୩ ଓ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା (ଏମ୍‌ଜିଏନ୍‌ଆରଇଜିଏସ୍) ୨୦୨୦-୨୧ର ବିରିଡ଼ି ବ୍ଲକସ୍ତରୀୟ ଜନଶୁଣାଣି ଶିବିର ମଙ୍ଗଳବାର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ଲକ ଅଧ୍ୟକ୍ଷା ମମତା ପାତ୍ର ଅଧ୍ୟକ୍ଷତା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉପାଧ୍ୟକ୍ଷା ପିନାକୀ ପ୍ରିୟଦର୍ଶିନୀ, ବିଡିଓ ହେମନ୍ତ କୁମାର ମହାନ୍ତ, ଜିଲା ଲୋକପାଳ ରମେଶ ଚନ୍ଦ୍ର ବେହେରା, ଡିପିଓ ଚକ୍ରଧର ମହାଳି, ଜିଲା ସାମାଜିକ ସମୀକ୍ଷକ ଦୀପକ ପରିଡ଼ା ଓ ଏମ୍‌ଆଇ ମୋତିରାମ ଦାସ ପ୍ରମୁଖ ଯୋଗ ଦେଇଥିଲେ। ବ୍ଲକର ୨୦୨୦-୨୧ ଆର୍ଥିକ ବର୍ଷର ଏମ୍‌ଜିଏନ୍‌ଆରଇଜିଏସ୍‌ରେ ଖର୍ଚ୍ଚ ଓ ପ୍ରକଳ୍ପଗୁଡ଼ିକ ତାଲିକାକୁ ରଶ୍ମିତା ସାହୁ ଉପସ୍ଥାପନା କରିଥିଲେ। ଏହି ବର୍ଷରେ ବ୍ଲକରେ ମୋଟ ୧୦୭୦ଟି ପ୍ରକଳ୍ପର କାର୍ଯ୍ୟ ହେବା ପାଇଁ ସ୍ଥିର ହୋଇଥିଲା। ସେଥିରୁ ୪୪୩ଟି ପ୍ରକଳ୍ପ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଥିଲା ବେଳେ ୬୨୭ କାମ ସରିନାହିଁ। ଏଥିରେ ୫ କୋଟି ୫୦ ଲକ୍ଷ ୬୨ ହଜାର ଟଙ୍କା ଖର୍ଚ୍ଚ କରାଯାଇଥିଲା। ମୋଟ ୨୩,୬୯୪ ଜଣ ଜବ୍‌କାର୍ଡଧାରୀ କାର୍ଯ୍ୟ କରିଥିବା ବେଳେ ୫୯ ପରିବାର ୧୦୦ ଦିନର କାର୍ଯ୍ୟ ପୂରଣ କରିଥିଲେ। ପୁରଣ ସରପଞ୍ଚ ଯୁଧିଷ୍ଠିର ବେହେରା ବ୍ଲକର ୨୧ ପଞ୍ଚାୟତରେ ପଞ୍ଚାୟତ ନିର୍ବାହୀ ଅଧିକାରୀ ଓ ଗ୍ରାମ ରୋଜଗାର ସେବକ ନ ଥିବାରୁ ଏହି କାର୍ଯ୍ୟ ସୁଚାରୁ ରୂପେ ହୋଇପାରୁନାହିଁ ବୋଲି ଦୃଷ୍ଟି ଆକର୍ଷଣ କରିଥିଲେ। ସେହିପରି ଜାତୀୟ ଖାଦ୍ୟ ସୁରକ୍ଷା ଆଇନରେ ବ୍ଲକର ୬୭,୩୫୭ ଜଣ ଅନ୍ତର୍ଭୁକ୍ତ ହୋଇଥିବା ଏମ୍‌ଆଇ ଦାସ ସୂଚନା ଦେଇଥିଲେ। ଏଯାବତ୍ ମୃତ, ବିବାହିତ ଓ ସ୍ଥାନାନ୍ତର ଯୋଗୁ ୭,୮୨୦ ଜଣଙ୍କ ନାମ ତାଲିକାରୁ ବାଦ୍ ଦିଆଯାଇଛି। ବ୍ଲକରେ ୫୯ ଜଣ ଡିଲର ରହିଥିବା ଏମ୍‌ଆଇ ଦାସ ସୂଚନା ଦେଇଥିବା ବେଳେ ପ୍ରାୟ ୩୦୦ ଲୋକ ନୂତନ କାର୍ଡ ପାଇବାକୁ ଅଭିଯୋଗ କରିଛନ୍ତି ବୋଲି ଶିବିରରେ କହିଥିଲେ। ଶେଷରେ ପ୍ରିୟଙ୍କା ରାୟ ଧନ୍ୟବାଦ ଦେଇଥିଲେ।

## ଜେଲ ଭିତରୁ ସରକାରୀ ଓକିଲଙ୍କୁ ହତ୍ୟା ଧମକ

କୁଜଙ୍ଗ,୨୯।୩(ଡି.ଏନ୍.ଏ.)

କୁଜଙ୍ଗ ଉପକାରାଗାରରୁ କୁଜଙ୍ଗ କୋର୍ଟର କ୍ୟାଡର ଅତିରିକ୍ତ ସରକାରୀ ଓକିଲ ଜୋନାଲିନ୍ ରାଉତଙ୍କ ମୋବାଇଲ ନଂ. ୮୩୨୮୮୯୩୭୭୮କୁ ମଙ୍ଗଳବାର ହତ୍ୟା ଧମକ ଆସିଛି। ଏଭଳି ଧମକ ଦେଇଛନ୍ତି ଜେଏସ୍‌ଡବ୍ଲ୍ୟୁ ବିରୋଧୀ ନେତା ତଥା ଅଭୟଚାନ୍ଦପୁର ଥାନା ଅନ୍ତର୍ଗତ ଢିଙ୍କିଆ ଗାଁର ଦେବେନ୍ଦ୍ର ସ୍ୱାଇଁ ବୋଲି କୁଜଙ୍ଗ ଥାନାରେ ଓକିଲ ରାଉତ ଅଭିଯୋଗ କରିଛନ୍ତି। ଅଭିଯୋଗ ପାଇବା ପରେ ପୋଲିସ ଦଫା ୨୯୪, ୫୦୬, ୫୦୭ ଓ ୩୩୨ରେ ନଂ. ୧୨୦/୨୨ରେ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି ବୋଲି ଆଇଆଇସି ସୁଜିତ୍ ପ୍ରଧାନ କହିଛନ୍ତି। ରାଉତ ଅଭିଯୋଗରେ ଦର୍ଶାଇଛନ୍ତି ଯେ, ମୋ ମୋବାଇଲ ନମ୍ବରକୁ ସ୍ୱାଇଁ ଫୋନ କରି ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ହତ୍ୟା ଧମକ ଦେଇଛନ୍ତି। ସୂଚନାଯୋଗ୍ୟ, ଦେବେନ୍ଦ୍ରଙ୍କ ଜାମିନ ଆବେଦନକୁ ସରକାରୀ ଓକିଲ ରାଉତ ବିରୋଧ କରୁଥିବାରୁ ସେ ଧମକ ଦେଇଥିବା କହିଛନ୍ତି। ଜଣେ ବିଚାରାଧୀନ ବନ୍ଦୀ ଜେଲ ଭିତରେ ମୋବାଇଲ୍ ଟେଲିଫୋନ୍ କେଉଁଠୁ ପାଇଲେ ଓ କିଏ ତାଙ୍କୁ ଯୋଗାଇ ଦେଲା ତାହା ତଦନ୍ତସାପେକ୍ଷ ବୋଲି ସେ କହିଛନ୍ତି। ଏହି ଘଟଣାକୁ ନେଇ ଜେଲ କର୍ମଚାରୀଙ୍କ ସାଧୁତା ଓ ନିରାପତ୍ତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏହାକୁ ଆଇନଜୀବୀ ଓ ବୁଦ୍ଧିଜୀବୀ ମହଲରେ ନିନ୍ଦା କରାଯାଇଛି।

## ସ୍ୱାଧୀନ କାଉନସିଲର ସାଜିବେ ନିର୍ଣ୍ଣାୟକ

- ପାରାଦୀପ ପୌର ପରିଷଦ
- ଉପାଧ୍ୟକ୍ଷ ପଦ ପାଇଁ ମାନସ ମନ୍ଥନ

ପାରାଦୀପ, ୨୯।୩(ସ୍ୱ.ପ୍ର.)

ପାରାଦୀପ ପୌର ନିର୍ବାଚନ ଫଳାଫଳ ଘୋଷଣା ପରେ ଏବେ ରାଜନୈତିକ ସମୀକରଣ ପ୍ରତି ମୁହୂର୍ତ୍ତରେ ପରିବର୍ତ୍ତନ ଘଟୁଛି। କାରଣ ଫଳାଫଳ ଅନୁସାରେ ଶାସକ ବିଜେଡି ଅଧ୍ୟକ୍ଷ ଭାବେ ବିଜୟୀ ହୋଇଥିଲେ ହେଁ ଉପାଧ୍ୟକ୍ଷ ପଦ ପାଇଁ ଆବଶ୍ୟକ କାଉନସିଲର ମ୍ୟାଜିକ ସଂଖ୍ୟା ହାସଲ କରିପାରିନାହିଁ। ଏହାକୁ ନେଇ ଦୁଇଦିନ ହେଲା ମାନସ ମନ୍ଥନ ଚାଲିଛି। ତେଣୁ ସ୍ୱାଧୀନ କାଉନସିଲରମାନେ ନିର୍ଣ୍ଣାୟକ ସାଜିବେ ବୋଲି ରାଜନୈତିକ ସମୀକ୍ଷକମାନେ ମତବ୍ୟକ୍ତ କରିଛନ୍ତି। ସେମାନେ ଯାହାକୁ ସମର୍ଥନ ଜଣାଇବେ, ସେ ହିଁ ପୌର ଉପାଧ୍ୟକ୍ଷ ପଦ ହାସଲ କରିବେ।

ଏ ପରିସ୍ଥିତିରେ ମଙ୍ଗଳବାର ସର୍ବାଧିକ ୮ ସ୍ୱାଧୀନ କାଉନ୍‌ସିଲର ଏବଂ ଜଣେ କଂଗ୍ରେସ କାଉନ୍‌ସିଲରଙ୍କୁ ନେଇ ଏପିଏପି (ଆମ ପାରାଦୀପ ଆମ ପ୍ରଗତି) ସଙ୍ଗଠନ ଉପାଧ୍ୟକ୍ଷ ପାଇଁ ଦାବି କରିବ ବୋଲି ଘୋଷଣା କରିଛି। କଂଗ୍ରେସ ନେତା ତଥା ଏପିଏପି ମୁଖିଆ ଅରିନ୍ଦମ ସର୍ଖେଲ(ବାପି) ସନ୍ଧ୍ୟାରେ ପ୍ରେସ ବିଜ୍ଞପ୍ତି ଜରିଆରେ ସୂଚନା ଦେଇଛନ୍ତି ଯେ, ତାଙ୍କ ପାଖରେ ୯ କାଉନ୍‌ସିଲର ଥିବାରୁ ସେ ଉପାଧ୍ୟକ୍ଷ ପଦବୀ ପାଇଁ ଦାବି କରିବେ। ଘଟଣାର ପୂର୍ବାପର ସମ୍ପର୍କରେ ସେ ସୂଚନା ଦେଇଛନ୍ତି, ସୋମବାର ତାଙ୍କର ୯ ଜଣ ନବ ନିର୍ବାଚିତ କାଉନ୍‌ସିଲର ପାରାଦୀପ ପୌର ପରିଷଦ ଅଧ୍ୟକ୍ଷ ଭାବେ ଜିତିଥିବା ବସନ୍ତ ବିଶ୍ୱାଳଙ୍କୁ ସୌଜନ୍ୟମୂଳକ ସାକ୍ଷାତ୍ କରି ସମ୍ବର୍ଦ୍ଧନା ଜଣାଇଥିଲେ। ସେହି ଘଟଣାକୁ ନେଇ ମଙ୍ଗଳବାର ସ୍ଥାନୀୟ ନେତା ଏବେ ଭାଜପା ଶରଣରେ ପଶିଛନ୍ତି। ଏହା ସୁସ୍ଥ ରାଜନୀତି ନୁହେଁ ବୋଲି ସେ କହିଛନ୍ତି। ବିଜେଡିର ନଗର ସଭାପତି ତଥା ନିର୍ବାଚିତ ଅଧ୍ୟକ୍ଷ ବସନ୍ତ କୁହନ୍ତି, ଯେଉଁ ସ୍ୱାଧୀନ କାଉନ୍‌ସିଲରମାନେ ମୋତେ ସମ୍ବର୍ଦ୍ଧନା ଜଣାଇଥିଲେ ତାହା ସୌଜନ୍ୟମୂଳକ ଥିଲା। କାରଣ ଆସନ୍ତା ୫ ବର୍ଷ ସମସ୍ତ କାଉନ୍‌ସିଲରଙ୍କ ସହିତ ମିଶି କାମ କରିବାକୁ ହେବ। ଏଥିରେ ଅସୁବିଧା କିଛି ନାହିଁ ବୋଲି ସେ କହିଛନ୍ତି। ସୂଚନାଯୋଗ୍ୟ, ପାରାଦୀପର ୧୯ଟି ୱାର୍ଡ ମଧ୍ୟରୁ ଚଳିତ ନିର୍ବାଚନରେ ଶାସକ ବିଜେଡିକୁ ୭, ଭାଜପା ୩, କଂଗ୍ରେସ ୧ ଓ ସ୍ୱାଧୀନ ୮ ଜଣ ଜିତିଛନ୍ତି। ଏଥିରେ ସର୍ଖେଲଙ୍କ ପାଖରେ ୯ କାଉନ୍‌ସିଲର ଅଛନ୍ତି। ସର୍ଖେଲଙ୍କୁ ଲଗାମ ଦେବା ପାଇଁ ବିଜେଡି ଓ ଭାଜପା ଏକାଠି ହେବେ ବୋଲି ମଙ୍ଗଳବାର ଦିନତମାମ ଚର୍ଚ୍ଚା ଜୋର ଧରିଛି। ଏମିତି ସ୍ଥିତିରେ ବୁଧବାର ପୌରାଧ୍ୟକ୍ଷ ବିଶ୍ୱାଳ ଶପଥ ନେବେ ବୋଲି ଜଣାପଡିଛି।

## ଗଡ଼ମଧୁପୁର ମେଳଣ ଉଦ୍‌ଯାପିତ



ମେଳଣରେ ଯୋଗ ଦେଇଥିବା ଦୋଳ ବିମାନ।

ଚଢେଇଧରା,୨୯।୩(ଡି.ଏନ.ଏ.)

ଧର୍ମଶାଳା ବ୍ଲକ ମଧୁପୁରଗଡ଼ ପଞ୍ଚାୟତର ପ୍ରସିଦ୍ଧ ଦୋଳ ମେଳଣ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଭିନ୍ନ ଅଞ୍ଚଳରୁ ବିମାନମାନ ଆସି ମେଳଣ ପଡ଼ିଆରେ ପହଞ୍ଚି ଥିଲେ। ମଧୁପୁରଗଡ଼ ବିମାନ ଥାନପତି ଆସନ ଅଳଙ୍କୃତ କିରିଥିଲେ। ମଧୁପୁରଗଡ଼ ତଳସାହି, କୁକୁଡ଼ାଖାଲି, କେଶରପଡ଼ା, କୃଷ୍ଣପୋଶି, ନରସିଂହପୁର, ୬ଟି ରାଧାକୃଷ୍ଣ ଦୋଳ ବିମାନ ଯୋଗ ଦେଇଥିଲେ। ପ୍ରତ୍ୟେକ ଦୋଳ ବିମାନ ସମ୍ମୁଖରେ ବାଜା, ବାଣ, ରୋଶଣି, ଘୋଡ଼ାନାଚ ପରିବେଷଣ କରାଯାଇଥିଲା। ସଂକୀର୍ତ୍ତନ ଦଳ ହୋରି ଗୀତର ତାଳେତାଳେ ବିମାନଗୁଡ଼ିକୁ ମେଳଣ ପଡ଼ିଆରେ ପହଞ୍ଚାଇ ଥିଲେ। ଦୋଳ ବିମାନ ଏକତ୍ରିତ ହେବାପରେ ଠାକୁରଙ୍କୁ ଭୋଗ ନୈବେଦ୍ୟ ସହିତ ଦକ୍ଷିଣା ପ୍ରଦାନ କରାଯାଇଥିଲା। ମଧୁପୁରଗଡ଼ ମେଳଣ କମିଟିର ସମସ୍ତ ସଭ୍ୟ ଯୋଗଦେଇ ମେଳଣ ପରିଚାଳନାରେ ସହଯୋଗ କରିଥିଲେ। ଜେନାପୁର ପୋଲିସ ପକ୍ଷରୁ ଶାନ୍ତି ଶୃଙ୍ଖଳା ରକ୍ଷା କରାଯାଇଥିଲା।

## ଶାଶୁଙ୍କୁ ବିଷ ଦେଇ ହତ୍ୟା ଉଦ୍ୟମ

ରାଜନଗର,୨୯।୩(ଡି.ଏନ.ଏ.)

କେନ୍ଦ୍ରାପଡ଼ା ଜିଲା ତାଳଚୁଆ ସାମୁଦ୍ରିକ ଥାନା ଅଧୀନ ଦୋଳସାହି ଗାଁରେ ଏକ ଅଭାବନୀୟ ଘଟଣା ଘଟିଛି। ଜଣେ ମହିଳା ନିଜ ଶାଶୁଙ୍କ ଔଷଧ ବୋତଲରେ ବିଷ ମିଶାଇ ଖାଇବାକୁ ଦେଇଥିଲେ। ଏହାପରେ ସେ ସ୍ୱାମୀ ଦିପେନ୍ଦୁ ବାରିକଙ୍କୁ ଏକ ଡେଙ୍ଗାରେ ଆକ୍ରମଣ କରି ଫେରାର ହୋଇଯାଇଥିବା ଅଭିଯୋଗ ହୋଇଛି।

ଏ ସଂକ୍ରାନ୍ତରେ ଦିପେନ୍ଦୁଙ୍କ ବଡ଼ଭାଇ ଶୁଭେନ୍ଦୁ ଥାନାରେ ଅଭିଯୋଗ କରିଛନ୍ତି। ସେ ଦର୍ଶାଇଛନ୍ତି, ସାନଭାଇ ଦିପେନ୍ଦୁ (୩୫) ନିଜର ଝିଅପୁଅ ଓ ୬୨ ବର୍ଷୀୟ ମା' ପରିବାଳାଙ୍କ ସହ ପୃଥକ୍ ରହୁଥିଲେ। ସୋମବାର ମା'ଙ୍କ ଅଗୋଚରରେ ତାଙ୍କର ୨ ଔଷଧ ବୋତଲରେ ଦିପେନ୍ଦୁଙ୍କ ସ୍ତ୍ରୀ ମିତାରାଣୀ ମଣ୍ଡଳ ବିଷ ମିଶାଇ ଦେଇଥିଲେ। ମା' ସେହି ବିଷ ମିଶା ଔଷଧ ଖାଇ ଗୁରୁତର ହୋଇପଡିବାରୁ ତାଙ୍କୁ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ଏହାକୁ ନେଇ ଦିପେନ୍ଦୁ ଓ ମିତାରାଣୀଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ଏହାର କିଛି ସମୟ ପରେ ଦିପେନ୍ଦୁ ଶୋଇ ପଡିଥିଲେ। ଏହାକୁ ସୁଯୋଗ ଭାବି ମିତାରାଣୀ ଏକ ଠେଙ୍ଗାରେ ଦିପେନ୍ଦୁଙ୍କ ମୁଣ୍ଡକୁ ଆକ୍ରମଣ କରିଥିଲେ। ତାଙ୍କ ମୁଣ୍ଡ ଫାଟି ରକ୍ତ ଜୁଡୁବୁଡୁ ହୋଇଯାଇଥିଲା। ଏଥିରେ ଭୟଭୀତ ହୋଇ ଦିପେନ୍ଦୁ ଦୌଡି ଯାଇ ପୋଖରୀରେ ପଡି ଯାଇଥିଲେ। ମିତାରାଣୀ ପାଣିରେ ପଶି ତାଙ୍କୁ ଆକ୍ରମଣ କରିଥିଲେ। ଚିତ୍କାର ଶୁଣି ପଡୋଶୀ ଆସି ଯିବାରୁ ମିତାରାଣୀ ସେଠାରୁ ଫେରାର ହୋଇଯାଇଥିଲେ। ଦିପେନ୍ଦୁଙ୍କୁ ଗୁରୁତର ଅବସ୍ଥାରେ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ଏ ସଂକ୍ରାନ୍ତରେ ଥାନାରେ ଏକ ମାମଲା ରୁଜୁ ହୋଇଛି। ମିତାରାଣୀ ଫେରାର ଥିବାରୁ ତାଙ୍କୁ ଧରିବାକୁ ବିଭିନ୍ନ ସ୍ଥାନରେ ଚଢାଉ ଜାରି ରହିଛି ବୋଲି ପୋଲିସ ସୂତ୍ରରୁ ପ୍ରକାଶ।

## ରାସ୍ତା ମରାମତିରେ ଅନିୟମିତତା

### ଇନ୍ଦୁପୁରରୁ ପଟ୍ଟାମୁଣ୍ଡାଇ ବନ୍ୟା ସୁରକ୍ଷା ବନ୍ଧ

### କେନ୍ଦ୍ରାପଡ଼ା ଜଳ ସମ୍ପଦ ବିଭାଗ

ପଟ୍ଟାମୁଣ୍ଡାଇ, ୨୯।୩(ସ୍ୱ.ପ୍ର.)

କେନ୍ଦ୍ରାପଡ଼ା ଜଳସମ୍ପଦ ଡିଭିଜନରେ କେଳେଙ୍କାରୀ ପଦାରେ ପଡିଛି। ଇନ୍ଦୁପୁର ପାଖରୁ ପଟ୍ଟାମୁଣ୍ଡାଇ ବାଇପାସ ପର୍ଯ୍ୟନ୍ତ ବନ୍ୟା ସୁରକ୍ଷା ବନ୍ଧ ୩୮ କିମି ରାସ୍ତା ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରାଯାଇଛି। ଏହି କାର୍ଯ୍ୟ ବିନା ସୂଚନା ଫଳକରେ ହୋଇଥିବା ବେଳେ ବିଭାଗୀୟ ଅଧିକାରୀ ଏଥିପ୍ରତି ଠିକ୍ ଭାବେ ଦୃଷ୍ଟି ଦେଇ ନ ଥିଲେ। ଫଳରେ ବନ୍ୟା ସୁରକ୍ଷା ବନ୍ଧ ରାସ୍ତାଟି ଖାଲଖମାରେ ପରିଣତ ହୋଇଥିଲା। ପଟ୍ଟାମୁଣ୍ଡାଇ-ବ୍ରାହ୍ମଣୀ ବନ୍ୟା ସୁରକ୍ଷା ବନ୍ଧ ମରାମତି ପାଇଁ ଜଳସମ୍ପଦ ବିଭାଗ ପକ୍ଷରୁ ୪୮ ଲକ୍ଷ ୯୪ ହଜାର ବ୍ୟୟ ଅଟକଳରେ ଖାଲଖମା ଓ ଉପର ପିଚୁ କାମ ଏଥି ମଧ୍ୟରେ ସରିଛି। ଏଥିରେ ବ୍ୟାପକ ଅନିୟମିତତା ଓ ନାମକୁ ମାତ୍ର କାମ କରି ବିଲ୍ ଉଠା ଯାଇଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି।

ଏହି ରାସ୍ତାର ଘାଘରାଠାରୁ ଚଉଦକୁଲାଟ ପର୍ଯ୍ୟନ୍ତ ୨ କି.ମି., ଚଉଦକୁଲାଟରୁ ନୀଳକଣ୍ଠପୁର ପର୍ଯ୍ୟନ୍ତ ୨ କି.ମି. ବନ୍ୟା ସୁରକ୍ଷା ବନ୍ଧ ଖାଲଖମାରେ ପରିଣତ ହୋଇ ଯାତାୟାତରେ ବାଧା ସୃଷ୍ଟି ହେଉଥିଲା। ଏହାର ମରାମତି ପାଇଁ ସାଧାରଣରେ ଦାବି ହୋଇ ଆସୁଥିଲା। ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଏହି ରାସ୍ତାର ମରାମତି ପାଇଁ ଦୁଇଟି ପର୍ଯ୍ୟାୟରେ ୪୮ ଲକ୍ଷ ୯୪ ହଜାର ଟଙ୍କା ମଞ୍ଜୁର କରିଥିଲେ। ଏହି କାର୍ଯ୍ୟ କରିବାକୁ ଠିକାଦାରଙ୍କୁ ଟେଣ୍ଡର ମାଧ୍ୟମରେ କାର୍ଯ୍ୟାଦେଶ ପ୍ରଦାନ କରାଯାଇଥିଲା। ସମ୍ପୃକ୍ତ ଯନ୍ତ୍ରୀଙ୍କ ଅନୁପସ୍ଥିତିରେ ଠିକାଦାର ନାମକୁ ମାତ୍ର ମରାମତି କାମ କରି ସାରି ଦେଇଛନ୍ତି। ଫଳରେ ରାସ୍ତାଟି ଉପରୁ ପିଚୁ ଉଠି ଯିବାରୁ ପୁଣି ଖାଲଖମାରେ ପରିଣତ ହୋଇଛି। ସେହିଭଳି ପଟ୍ଟାମୁଣ୍ଡାଇ ବାଇପାସ ରାସ୍ତାଠାରୁ ଷଣ୍ଢପଲ୍ଲୀ ପର୍ଯ୍ୟନ୍ତ



ଚଉଦକୁଲାଟ ରାସ୍ତାରୁ ପିଚୁ ଉଠିଯିବାରୁ ଖାଲଖମା ସୃଷ୍ଟି ହୋଇଛି।

ଜଳସମ୍ପଦ ବିଭାଗ ଅଧୀନରେ ଥିବା ୩ କିମି ଦୀର୍ଘ ରାସ୍ତାରେ ଆଣ୍ଠୁଏ ଲେଖାଏ ଗାତ ସୃଷ୍ଟି ହୋଇ ଯାତାୟାତ ଅନୁପଯୋଗୀ ହୋଇପଡିଛି। ଗତବର୍ଷ ଏହି ରାସ୍ତାର ନିର୍ମାଣ ପାଇଁ ଜଳସମ୍ପଦ ବିଭାଗ ପକ୍ଷରୁ ଟେଣ୍ଡର ମାଧ୍ୟମରେ ୧୯ ଲକ୍ଷ ଟଙ୍କା ବ୍ୟୟରେ କାମ କରାଯାଇଥିଲା। କିନ୍ତୁ ନିର୍ମାଣ ସରିବାର ମାତ୍ର ୬ ମାସ ମଧ୍ୟରେ ରାସ୍ତାରୁ ପିଚୁ ଉଠିଯିବା ସହ ଆଣ୍ଠୁଏ ଲେଖାଏ ଗାତ ସୃଷ୍ଟି ହୋଇ ଯାତାୟାତରେ ବାଧା ସୃଷ୍ଟି ହେଉଛି। ଏହି ବନ୍ୟା ସୁରକ୍ଷା ବନ୍ଧ ରାସ୍ତା ଉପରେ ଇନ୍ଦୁପୁର ପାଖରୁ ପଟ୍ଟାମୁଣ୍ଡାଇ ପର୍ଯ୍ୟନ୍ତ ଲକ୍ଷାଧିକ ଲୋକ ନିର୍ଭର କରୁଛନ୍ତି। ରାସ୍ତାକୁ ଜଳସମ୍ପଦ ବିଭାଗ ଉପର ଠାଉରିଆ ଭାବେ ମରାମତି କରିବା ଅଭିଯୋଗ ହେଉଛି। ଏ ସମ୍ପର୍କରେ ସହ ନିର୍ବାହୀ ଯନ୍ତ୍ରୀ ପ୍ରଭାତ ସାହୁଙ୍କୁ ପଚାରିବାରେ ଏହି କାମ ସମ୍ପର୍କରେ ଅନୁଧ୍ୟାନ କରି ପୁଣି ନିର୍ମାଣ କାମ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ମାତ୍ର ପଟ୍ଟାମୁଣ୍ଡାଇ ଜଳସମ୍ପଦ ବିଭାଗ କନିଷ୍ଠ ଯନ୍ତ୍ରୀ ସଞ୍ଜୟ କୁମାର ଶତପଥୀଙ୍କୁ ଯୋଗାଯୋଗ କରିବାରେ ସେ ଫୋନ ଉଠାଇ ନ ଥିଲେ। ଗତ ୨ ବର୍ଷ ଧରି ଏହି ରାସ୍ତା ମରଣଯନ୍ତା ପାଲଟିଥିବା ବେଳେ ପ୍ରତିଦିନ ଛୋଟମୋଟ ଦୁର୍ଘଟଣା ଘଟି ଲୋକେ ଆହତ ହେଉଛନ୍ତି। ତେବେ ଏହି ରାସ୍ତା ଠିକ୍ ଢଙ୍ଗରେ ମରାମତି ହେଲେ ପଟ୍ଟାମୁଣ୍ଡାଇ, ରାଜନଗର, କେନ୍ଦ୍ରାପଡ଼ା ଅଞ୍ଚଳର ଲୋକ ଉପକୃତ ହେବେ ବୋଲି ସାଧାରଣରେ ମତପ୍ରକାଶ ପାଇଛି।

ଧରିତ୍ରୀ
DHARITRI
ଭୁବନେଶ୍ୱର, ବୁଧବାର, ୩୦ ମାର୍ଚ୍ଚ, ୨୦୨୨



## ସଂକ୍ଷେପରେ

### ଭାପୁରରେ ଭିଜିଲାନ୍ସ ଟିମ୍ ପକ୍ଷରୁ ଚଢ଼ାଉ

**ନୟାଗଡ଼ ଅଫିସ,୨୯।୩:** ନୟାଗଡ଼ ଜିଲା ଭାପୁର ବ୍ଲକ ବଡସହରା ପଞ୍ଚାୟତ ଜାମୁସାହି ଗ୍ରାମର ବାସିନ୍ଦା ତଥା ତାଳଚେର ଆରଡବ୍ଲୁଏସ୍ଏସ୍ ଅଫିସର ସହକାରୀ ନିର୍ବାହୀ ଯନ୍ତ୍ରୀ ସନ୍ତୋଷ କୁମାର ସାହୁଙ୍କ ଘରେ ଭିଜିଲାନ୍ସ ଚଢାଉ କରାଯାଇଥିଲା । ହେଲେ ଜାମୁସାହି ଓ ଭାପୁର ବଜାରରେ ଥିବା ତାଙ୍କ ପୈତୃକ ବାସଭବନ ଭଡ଼ା ଦିଆଯାଇଛି ବୋଲି ଜଣାପଡ଼ିବା ପରେ ଭିଜିଲାନ୍ସ ଟିମ୍ ନୟାଗଡ଼ ଫେରିଛନ୍ତି।। ସହକାରୀ ନିର୍ବାହୀ ଯନ୍ତ୍ରୀ ସାହୁ ଜଣେ ଠିକାଦାରଙ୍କ ବିଲ୍ ପାସ୍ କରାଇ ଦେବାକୁ କହି ୫୦ହଜାର ଟଙ୍କା ଲାଞ୍ଚ ନେବା ବେଳେ ଧରା ପଡିଥିଲେ । ଏହି ପରିପ୍ରେକ୍ଷୀରେ ଭିଜିଲାନ୍ସ ଟିମ୍ ତାଙ୍କ ପୈତୃକ ଘର ଭାପୁର ସମେତ ତାଳଚେର ଅଫିସ ଓ ବିଭିନ୍ନ ସ୍ଥାନରେ ଏକକାଳୀନ ଚଢାଉ କରିଥିଲା ।

### ଏପ୍ରିଲ ୨ରୁ ରାମଚନ୍ଦ୍ର ଉଚ୍ଚ ବିଦ୍ୟାଳୟର ପ୍ଲାଟିନମ ଜୁବୁଲି ଉତ୍ସବ

**ଖଣ୍ଡପଡ଼ା,୨୯।୩(ସ୍ୱ.ପ୍ର.):** ଖଣ୍ଡପଡ଼ା ଅଞ୍ଚଳର ସର୍ବପୁରାତନ ଶିକ୍ଷାନୁଷ୍ଠାନ ରାମଚନ୍ଦ୍ର ଉଚ୍ଚ ବିଦ୍ୟାଳୟର ପ୍ଲାଟିନମ ଜୁବୁଲି ଉତ୍ସବ ଆସନ୍ତା ଏପ୍ରିଲ ୨ରୁ ୪ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ । ଉଦ୍ଯାପନୀ ଉତ୍ସବରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଯୋଗଦେବାର କାର୍ଯ୍ୟକ୍ରମ ଅଛି ବୋଲି ପୁରାତନ ଛାତ୍ର ସଂସଦ ପକ୍ଷରୁ ସୂଚନା ମିଳିଛି। ଏପ୍ରିଲ ୧ରେ ପୁରାତନ ଛାତ୍ର ସଂସଦ ପକ୍ଷରୁ ଏକ ମଶାଲ ଶୋଭାଯାତ୍ରା ନଗର ପରିକ୍ରମା କରିବ ବୋଲି ସୂଚନା ମିଳିଛି । ଏହି ଉତ୍ସବ ଗତ ଜାନୁୟାରୀ ପ୍ରଥମ ସପ୍ତାହରେ ପାଳନ କରାଯିବାକୁ ସ୍ଥିର ହୋଇଥିଲା। ମାତ୍ର କୋଭିଡ କଟକଣା ଯୋଗୁ ଉକ୍ତ କାର୍ଯ୍ୟକ୍ରମ ସ୍ଥଗିତ ରହିଥିଲା ।

### ଚୈତ୍ର ମଙ୍ଗଳବାର ଓଷା ଆରମ୍ଭ



**ଖଣ୍ଡପଡ଼ା,୨୯।୩(ସ୍ୱ.ପ୍ର.):** ଖଣ୍ଡପଡ଼ାର ବିଭିନ୍ନ ସାହିବସ୍ତିରେ ଓଡ଼ିଆ ଘରର ମହିଳାମାନେ ନିଜ ସନ୍ତାନମାନଙ୍କ ମଙ୍ଗଳ କାମନା କରି ଚୈତ୍ର ମଙ୍ଗଳବାର ଓଷା ପାଳନ କରିଛନ୍ତି । ଏହି ଅବସରରେ ମା' ମଙ୍ଗଳାଙ୍କ ଉଦ୍ଦେଶ୍ୟରେ ରାସ୍ତାରେ ପଣାଲାଗି କରାଯିବା ସହିତ ପୂଜାର୍ଚ୍ଚନା କରାଯାଇଥିଲା । ଚୈତ୍ର ମାସର ଶେଷ ମଙ୍ଗଳବାର ଏହି ପୂଜା ଉଦ୍ଯାପିତ ହେବ ।

### ଅବସରପ୍ରାପ୍ତ ଅଧିକାରୀଙ୍କ ପରଲୋକ

**ନୟାଗଡ଼ ଅଫିସ,୨୯।୩:** ନୟାଗଡ଼ ଜିଲା ଭାପୁର ବ୍ଲକ୍‌ର ଅବସରପ୍ରାପ୍ତ ଅଧିକାରୀ ସଦାନନ୍ଦ ପୃଷ୍ଟି (୮୪)ଙ୍କ ହୃଦ୍‌ଘାତରେ ମଙ୍ଗଳବାର ପରଲୋକ ହୋଇଯାଇଛି । ଏହି ଖବର ଜଣାପଡ଼ିବା ପରେ ବହୁ ବ୍ୟକ୍ତି ତାଙ୍କ ଶେଷ ଦର୍ଶନ କରିଥିଲେ । ସ୍ଥାନୀୟ ଶ୍ମଶାନଘାଟରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି । ବଡ ପୁଅ ଶ୍ରୀବତ୍ସ ପୃଷ୍ଟି ମୁଖାଗ୍ନି ଦେଇଥିଲେ ।

# 'ଆଉ ଗୁଡ଼ କି ଚିନିର ମିଠା ନାହିଁ'

- ହାତବାନ୍ଧି ବସିଛନ୍ତି ନୟାଗଡ଼ ଆଖୁ ଚାଷୀ
- ଦାଦନ ଖଟି ଯିବାକୁ ବାଧ୍ୟ କରିଛି ପରିସ୍ଥିତି

**ନୟାଗଡ଼ ଅଫିସ,୨୯।୩**

ନୟାଗଡ଼ ଜିଲାର ପାରମ୍ପରିକ ଅର୍ଥକରୀ ଫସଲ ଆଖୁଚାଷ ଆଉ ନାହିଁ। ମୁଣ୍ଡରେ ହାତ ଦେଇ ବସିଛନ୍ତି ଚାଷୀ । କାହିଁ କେଉଁ କାଳରୁ ଜିଲାର ଚାଷୀମାନେ ଆଖୁ ଚାଷ କରୁଥିଲେ । ସେହି ଆଖୁରୁ ପ୍ରଚୁର ପରିମାଣର ଗୁଡ ତିଆରି କରି ଚାଷୀମାନେ ବିକ୍ରି କରୁଥିଲେ । ସେହି ଗୁଡ ଚାଷୀଙ୍କ ପରିବାର ଚଳାଇବାର ଏକମାତ୍ର ମାଧ୍ୟମ ଥିଲା । ହେଲେ ୧୯୮୦ରେ ନୟାଗଡ଼ରେ ଚିନିକଳ ହେବା ପରେ ଚାଷୀମାନେ ଗୁଡକୁ ଭୁଲି ଚିନିକଳକୁ ଆଖୁ ବିକ୍ରି କରିବା ଆରମ୍ଭ କରିଥିଲେ। କେବଳ ନୟାଗଡ଼ ନୁହେଁ ଆଖପାଖ କଟକ, ଖୋର୍ଦ୍ଧା ଜିଲାର ଚାଷୀମାନେ ବି ସେହି ଚିନିକଳ ଉପରେ ନିର୍ଭର କରୁଥିଲେ । ହେଲେ ଚିନିକଳ ବନ୍ଦ ପରେ ଆଖୁ ଚାଷର ସ୍ଥାନ ଏବେ ଧାନ ଓ ଅନ୍ୟାନ୍ୟ ଫସଲ ନେଇଛି । ଆଉ ନୟାଗଡ଼ ଗୁଡ଼ କି ଚିନିରେ ମିଠା ନାହିଁ ବୋଲି ଚାଷୀମାନେ କହିଛନ୍ତି । କିଛି ଜମି ପଡିଆ ପଡିଛି । ଚାଷୀଙ୍କ ରୋଜଗାର ହ୍ରାସ ପାଇଛି। ଅଧିକାଂଶ ଚାଷୀ ରୋଜଗାର ଆଶାରେ ଗାଁ ଛାଡ଼ି ଦାଦନ ଖଟିବାକୁ ଅନ୍ୟ ରାଜ୍ୟକୁ ଯାଉଛନ୍ତି। ହାତଗଣତି କେତେଜଣ ଚାଷୀ ଆଖୁ ଚାଷକୁ ବଞ୍ଚାଇ ରଖିଛନ୍ତି । ବଳଦ ନ ଥିବାରୁ କ୍ରସରରେ ଆଖୁପେଡା ହୋଇ ଗୁଡ଼ କରାଯାଉଛି ।



ଗୁଡ଼ ରନ୍ଧା କେନ୍ଦ୍ର ଅବହେଳିତ ଭାବେ ପଡ଼ି ରହିଛି ।

**ଆଖୁ ଛାଡ଼ି ଧାନ କରୁଛି**

" ଆଖୁ ଫସଲ ମୋର ପ୍ରିୟ । ଭଲ ରୋଜଗାର ହେଉଥିଲା । ହେଲେ ଚିନିକଳ ବନ୍ଦ ହେବା ପରେ ମୋର ରୋଜଗାର କମିଗଲା । ଧାନ ଫସଲରେ ମୋର ଲାଭ ହେଉ ନାହିଁ । ଜମି ପଡିଆ ପକାଇବି କ'ଣ ଭାବି ଧାନ ଚାଷ କରୁଛି । ପୂର୍ବରୁ ୫ ଏକର ଆଖୁ ଫସଲ କରୁଥିଲି । ଏବେ ଦେଢ଼ ଏକର ଜମିରେ ଧାନ ଚାଷ କରୁଛି । ଚିନିକଳ ବନ୍ଦ ହେବା ପରେ ଆଖୁଚାଷୀ କିଭଳି ହନ୍ତସନ୍ତ ହେଉଛନ୍ତି ତାହା ମୋତେ ଜଣା । ମୋ ପରି ସେମାନେ ଅଭିଶପ୍ତ ଜୀବନଯାପନ କରୁଛନ୍ତି ।

—ଅଙ୍କୁର ବିଶ୍ୱାଳ, ଚାଷୀ, ଆଡଚେର

**ଗୁଡ଼ କରି ବଞ୍ଚାଉଛି ପରିବାର**

" ମନ ଥିଲେ ବି ଆଖୁଚାଷ ଆଉ କରୁନୁ । କାରଣ ଗୁଡ କରିବା ଆମ ପକ୍ଷେ ସମ୍ଭବ ନୁହେଁ । ପୁଣି ଗୁଡ ବିକ୍ରି କରିବା ଆହୁରି କଷ୍ଟ ସାଧ୍ୟ । ଆଗଭଳି ଆଉ ଗୁଡର ଚାହିଦା ନାହିଁ । ତଥାପି ପରିବାର ଚଳାଇବା ପାଇଁ ୧ଏକର ଜମିରେ ଆଖୁ ଚାଷ କରି କେବଳ ଗୁଡ କରୁଛି । ଅଧିକ ଗୁଡ ତିଆରି କରିବାକୁ ହେଲେ ନିଆଁ ପାଖରେ ପରିଶ୍ରମ କରିବାକୁ ପଡୁଛି । ଚିନିକଳକୁ ଆଖୁ ଦେବା ସମୟରେ କମ ପରିଶ୍ରମ ପଡୁଥିଲା । ଚାଷୀମାନେ ଚାହୁଁଛନ୍ତି ଚିନିକଳ ଚାଲୁ କରାଯାଉ । ହେଲେ ଚାଷୀମାନଙ୍କ ସମସ୍ୟା କେହି ଦେଖୁ ନାହାନ୍ତି କି ଶୁଣୁ ନାହାନ୍ତି ।

—ସୁଦାମ ପାତ୍ର, ହରିପୁର ନୟାଗଡ଼

**ବଦଳିଗଲା ଜୀବନଧାରା**

" ମୋ ଗାଁ ଲୋକ କାହିଁ କେଉଁ କାଳରୁ ଆଖୁ ଚାଷ କରି ଆସୁଥିଲେ । ମୁଁ ମଧ ଚାଷକୁ ବଞ୍ଚାଇ ରଖିଛି। ୨୦୧୪ରେ ଚିନିକଳ ବନ୍ଦ ପରେ ଆଖୁ ଚାଷ କମିଗଲା । ଚିନିକଳକୁ ଆଖୁ ଦେବା ସମୟରେ ୨୦ଏକର ଜମିରେ ଆଖୁ ଚାଷ କରୁଥିଲି । ଆମ ଗାଁର ଲୋକମାନେ ଚିନିକଳକୁ ଆଖୁଦେଇ ବର୍ଷକୁ ପ୍ରାୟ ୧ କୋଟି ୧୭ ଲକ୍ଷ ଟଙ୍କା ପାଉଥିଲେ। ଚିନିକଳ ବନ୍ଦ ପରେ ବଦଳି ଗଲା ଆମ ଜୀବନଧାରା । କମିଲା ରୋଜଗାର । ମୋ ପୁଅ ଏବେ ୫ ଏକର ଜମିରେ ଆଖୁ ଚାଷ କରୁଛି । ଅଧିକାଂଶ ଜମି ପଡିଆ ପଡୁଛି। କେତେଜଣ ଚାଷୀ ଢେଙ୍କାନାଳସ୍ଥିତ ଶକ୍ତି ସୁଗାର ଚିନିକଳକୁ ଆଖୁ ଦେଉଥିବା ସୂଚନା ମିଳିଛି ।

—ଚକ୍ରଧର ଜେନା, କଣ୍ଟାବାଣିଆ

**୪ ଶହ ଟନ ଆଖୁ ଚାଷ ହେଉଛି**

" ଚିନିକଳ ଚାଷୀ ଓ ଶ୍ରମିକଙ୍କ ମୁହଁରେ ଦାନା ଦେଉଥିଲା । ଚିନିକଳ ବନ୍ଦ ହେବା ପରେ ଉଭୟ କ୍ଷତିରେ ରହିଲେ । ସରକାର ଚାଷୀ ଓ ଚାଷକୁ ଗୁରତ୍ୱ ଦେଉଥିବାବେଳେ ଆମ ଜିଲାର ଏକମାତ୍ର ଚିନିକଳକୁ ଅଣଦେଖା କଲେ । ଏହାର ପ୍ରଭାବ ସିଧାସଳଖ ଚାଷୀ ଓ ଚାଷ ଉପରେ ପଡ଼ିଲା । ଏଣୁ ଚିନିକଳ ବନ୍ଦ ହେବା ଦିନଠାରୁ ଆନ୍ଦୋଳନ, ଧର୍ମଘଟ, ପ୍ରତିବାଦ ସଭା ହୋଇ ଆସୁଥିଲେ ମଧ କୌଣସି ଲାଭ ହେଲା ନାହିଁ । ପୂର୍ବରୁ ୪୦ ହଜାର ଟନ ଆଖୁ ଚାଷ ନୟାଗଡ଼ ଜିଲାରେ ହେଉଥିଲା । ଏବେ ୪ ଶହ ଟନ ହେଉଛି ।

—ପ୍ରମୋଦ କୁମାର କୁଣ୍ଡ, କାଦୁଆ, ନୟାଗଡ଼



ମଞ୍ଜରୀ ଗଛ ।

## ମଞ୍ଜରୀ ଗଛର ସୁରକ୍ଷା ଉପରେ ଗୁରୁତ୍ୱ

**ଖଣ୍ଡପଡ଼ା,୨୯।୩(ସ୍ୱ.ପ୍ର.)**

ସମ୍ପ୍ରତି ଜଙ୍ଗଲ ତଥା ଗ୍ରାମ ଜଙ୍ଗଲର ଦ୍ରୁତ ଅବକ୍ଷୟ ହେଉଥିବା ବେଳେ ନୂତନ ଜଙ୍ଗଲ ସୃଷ୍ଟି ଓ ବୃକ୍ଷରୋପଣ ଉପରେ ଗୁରୁତ୍ୱ ଦିଆଯାଉଛି । ବିଶେଷ କରି କଣ୍ଟିଲୋ ଓ ଏହାର ଆଖପାଖ ଧାନଚାଙ୍ଗଡ଼ା ପଥରଚକଡ଼ା ଅଞ୍ଚଳରେ ରହିଥିବା ବିରଳ ପ୍ରଜାତିର ମଞ୍ଜରୀ ଗଛର ସୁରକ୍ଷା କରିବାକୁ ନିବେଦନ କରାଯାଇଛି । ଏହି ଗଛର ଫୁଲ ଆକର୍ଷଣୀୟ । କେତେକ ପକ୍ଷୀ ସେହି ଫୁଲକୁ ଖାଦ୍ୟ ଭାବେ ଗ୍ରହଣ କରିଥାନ୍ତି । ଏ ପ୍ରକାର ବୃକ୍ଷ ପ୍ରାୟ ବିଲୁପ୍ତ ହୋଇଯାଉଥିବାରୁ ତା'ର ସୁରକ୍ଷା ତଥା ସଂରକ୍ଷଣ ପାଇଁ ସ୍ଥାନୀୟ ଅଞ୍ଚଳର ପରିବେଶବିତ୍ ତଥା ଗଛସାର ଭାବେ ପରିଚିତ ଅନ୍ତର୍ଯ୍ୟାମୀ ସାହୁ ଗୁରୁତ୍ୱାରୋପ କରିଛନ୍ତି । ସେ ବିଭିନ୍ନ ଅଞ୍ଚଳ ବୁଲୁ ବୁଲି ଜନସାଧାରଣଙ୍କୁ ମଞ୍ଜରୀ ଗଛର ସୁରକ୍ଷା ପାଇଁ ନିବେଦନ କରୁଛନ୍ତି ।

## ଶାସକ ଦଳ ହାତକୁ ଯିବ ଉପାଧ୍ୟକ୍ଷ ପଦବୀ

**ଖଣ୍ଡପଡ଼ା,୨୯।୩(ସ୍ୱ.ପ୍ର.)**

ଖଣ୍ଡପଡ଼ା ବିଜ୍ଞାପିତ ଅଞ୍ଚଳ ପରିଷଦ ପାଇଁ ଅନୁଷ୍ଠିତ ନିର୍ବାଚନରେ ଅଧ୍ୟକ୍ଷା ପଦବୀକୁ ଶାସକ ଦଳ ହାତଛଡା କରିଥିବା ବେଳେ ଏବେ ଉପାଧ୍ୟକ୍ଷ ପଦବୀ ହାତେଇବା ପାଇଁ ଅଣ୍ଟା ଭିଡ଼ିଛି । ୧୩ ୱାର୍ଡକୁ ନେଇ ଗଠିତ ଖଣ୍ଡପଡ଼ା ବିଜ୍ଞାପିତ ଅଞ୍ଚଳ ପରିଷଦର ୮ଟିରେ ଶାସକ ବିଜେଡିର ପ୍ରାର୍ଥିନୀ/ପ୍ରାର୍ଥୀ ବିଜୟୀ ହୋଇଥିଲେ । ଗୋଟିଏ ୱାର୍ଡରୁ ଭାଜପା ଓ ୪ଟି ୱାର୍ଡରୁ ସ୍ୱାଧୀନ ପ୍ରାର୍ଥୀ ବିଜୟୀ ହୋଇଛନ୍ତି। ଉପାଧ୍ୟକ୍ଷ ପଦବୀ ପାଇଁ ଶାସକ ଦଳ ହାତରେ ଆବଶ୍ୟକ ସଂଖ୍ୟକ ସଭ୍ୟା/ସଭ୍ୟ ଅଛନ୍ତି । ଏହି ପଦବୀ ହାତେଇବାରେ ବିଜେଡି ସମର୍ଥ ହେବ ବୋଲି ରାଜନୈତିକ ମହଲରେ ଚର୍ଚ୍ଚା ହେଉଛି । ଅଧ୍ୟକ୍ଷା ପଦ ସ୍ୱାଧୀନ ପ୍ରାର୍ଥିନୀ ଆରତୀ ପ୍ରଧାନ ହାତେଇ ଶାସକ ଓ ବିରୋଧୀ ଦଳକୁ ଚକିତ କରିଥିଲେ। ଏହି ପରିପ୍ରେକ୍ଷୀରେ ବିଜ୍ଞାପିତ ଅଞ୍ଚଳ ପରିଷଦରେ ଶାସକ ବିଜେଡିର କାଉନସିଲରମାନେ ବିରୋଧୀ ଦଳ ଭୂମିକାରେ ଅବତୀର୍ଣ୍ଣ ହେବେ ବୋଲି ଏବେଠାରୁ ପୂର୍ବାନୁମାନ କରାଯାଉଛି। ଏକ ସୁସ୍ଥ ଗଣତନ୍ତ୍ରରେ ଶାସକ ଓ ବିରୋଧୀ ଦଳର ଗୁରୁତ୍ୱପୂର୍ଣ୍ଣ ଭୂମିକା ଥିବାବେଳେ ଚଳିତ ପୌର ନିର୍ବାଚନର ଖଣ୍ଡପଡ଼ା ବିଜ୍ଞାପିତ ଅଞ୍ଚଳ ପରିଷଦରେ ଏହା ପ୍ରତିଫଳିତ ହୋଇଛି । ଉପାଧ୍ୟକ୍ଷ ନିର୍ବାଚନକୁ ନେଇ ଶାସନ ଦଳର ଅଙ୍କକଷା ଚାଲିଥିବା ବେଳେ ବିଜେଡିର ନବ ନିର୍ବାଚିତ କାଉନସିଲରମାନେ ଅଜ୍ଞାତବାସରେ ଥିବା ଜଣାପଡ଼ିଛି। ଖଣ୍ଡପଡ଼ା ସହର ୭ନଂ.ୱାର୍ଡରୁ ନିର୍ବାଚିତ ବିଜେଡି କାଉନସିଲର ମିହିର କୁମାର ମିଶ୍ର ଉପାଧ୍ୟକ୍ଷ ପଦବୀ ପାଇଁ ଲବିରେ ଥିବା ସୂଚନା ମିଳିଛି ।

## ସିଆଇଟିୟୁ ପକ୍ଷରୁ ବ୍ଲକ ସମ୍ମୁଖରେ ଧାରଣା




ଆନ୍ଦୋଳନକାରୀମାନେ ବ୍ଲକ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

**ଖଣ୍ଡପଡ଼ା,୨୯।୩(ସ୍ୱ.ପ୍ର.)**

କେନ୍ଦ୍ରୀୟ ଟ୍ରେଡ୍ ୟୁନିୟନ ପକ୍ଷରୁ୧୨ଦଫା ଦାବି ପୂରଣ ନେଇ ସିଆଇଟିୟୁ ଏବଂ ଆଶାକର୍ମୀମାନେ ଖଣ୍ଡପଡ଼ାରେ ଧର୍ମଘଟ କରିବା ସହ ବ୍ଲକ୍ ସମ୍ମୁଖରେ ଧାରଣା ଦେଇଥିଲେ। ସିଆଇଟିୟୁ ନେତା ଗଙ୍ଗାଧର ପଣ୍ଡାଙ୍କ ନେତୃତ୍ୱରେ ଆଶକର୍ମୀମାନେ ତହସିଲ ଅଫିସ ନିକଟରୁ ଶୋଭାଯାତ୍ରା ବାହାରି ବ୍ଲକ୍ ଅଫିସ ନିକଟରେ ପହଞ୍ଚି ଥିଲେ। ଏହାପରେ ସେମାନେ ବିଡ଼ିଓଙ୍କ ଜରିଆରେ କେନ୍ଦ୍ର ସରକାରଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ । ଶ୍ରମ କୋଡ଼ ପ୍ରତ୍ୟାହାର, ଶ୍ରମିକଙ୍କୁ ସର୍ବନିମ୍ନ ମଜୁରି ମାସିକ ୨୬ହଜାର ଟଙ୍କା ପ୍ରଦାନ, ଶ୍ରମ ଆଇନଗୁଡ଼ିକର ସୁରକ୍ଷା ସୁନିଶ୍ଚିତ, ଠିକା ଶ୍ରମପ୍ରଥା ବନ୍ଦ, ବ୍ୟାଙ୍କ ଘରୋଇକରଣ ବନ୍ଦ, ତୈଳ ଓ ଅତ୍ୟାବଶ୍ୟକ ସାମଗ୍ରୀର ଦରବୃଦ୍ଧି, ଆଶା କର୍ମୀମାନଙ୍କୁ ନିୟମିତ କରିବା ସହ ମାସିକ ୨୬ହଜାର ଦରମା ପ୍ରଦାନ ଦାବିରେ ଧର୍ମଘଟ ଡ଼ାକରା ଦିଆଯାଇଥିଲା । ତେବେ ଏହି ବନ୍ଦ ପ୍ରଭାବ କେବଳ ରାଷ୍ଟ୍ରାୟତ ବ୍ୟାଙ୍କ ଉପରେ ପଡିଥିଲା । ଅନ୍ୟ ସମସ୍ତ କାର୍ଯ୍ୟାଳୟ ସ୍ୱାଭାବିକ ଭାବେ ଚାଲିଥିଲା ।

## କିଶୋରୀ କିଶୋରଙ୍କୁ ବୈଷୟିକ ଶିକ୍ଷା ପ୍ରଶିକ୍ଷଣ

**ନୟାଗଡ଼ ଅଫିସ,୨୯।୩**

ଜିଲା ମିଶନ ଶକ୍ତି ଭବନଠାରେ ଜିଲା ସମାଜ ମଙ୍ଗଳ ଅଧିକାରୀ ଶଙ୍କର ଜେନାଙ୍କ ଅଧ୍ୟକ୍ଷତାରେ କିଶୋରୀକିଶୋରଙ୍କ ନିମନ୍ତେ ଜିଲାସ୍ତରୀୟ ବୈଷୟିକ ଶିକ୍ଷା ପ୍ରଶିକ୍ଷଣ ମଙ୍ଗଳବାର ଅନୁଷ୍ଠିତ ହୋଇଛି । ଏହି କାର୍ଯ୍ୟକ୍ରମରେ କିଶୋରୀକିଶୋରଙ୍କ ପାଇଁ ବିଭିନ୍ନ ବିଭାଗତରଫରୁ ଥିବା ସମସ୍ତ ଯୋଜନା ସମ୍ପର୍କରେ ଆଲୋଚନା କରଯାଇଥିଲା । ବିଶେଷ ଭାବେ ଆଶୀର୍ବାଦ ଯୋଜନା, ଦୀନଦୟାଲ ଉପଧ୍ୟାୟ ଗ୍ରାମୀଣ କୌଶଳ ଯୋଜନା, ଜୀବନ କୌଶଳ ଶିକ୍ଷା ,ଆର୍ଥିକ ସ୍ୱାକ୍ଷରତା ଉପରେ ଆଲୋଚନା କରାଯାଇଥିଲା। କିଶୋରୀକିଶୋର ମାନେ କିଭଳି ଆତ୍ମନିର୍ଭରଶୀଳ ହୋଇପାରିବେ ଏଥିନିମନ୍ତେ ସେମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରଯାଇଥିଲା। ଏହି କାର୍ଯ୍ୟକ୍ରମରେ ଜିଲା ଶିଶୁ ସୁରକ୍ଷା ଅଧିକାରୀ ଉପେନ୍ଦ୍ର ନାଥ ବଡଜେନା, ଡେପୁଟି ସିଇଓ–ଓରମାସ ପ୍ରବୀଣ କୁମାର ଝା, ସ୍କିଲ କୋଡିନେଟର–କେଳୁଚରଣ ସେଠୀ, ଜିଲା ଶିଶୁ ମଙ୍ଗଳ ସମିତି ସଦସ୍ୟା–ମଧୁସ୍ମିତା ମହାପାତ୍ର, ଜିଲା କର୍ମନିଯୁକ୍ତି ସ୍କିଲ କୋଡିନେଟର–ରୀତାଞ୍ଜଳି ପ୍ରଧାନ, ପିଓଆଇସି– ସତ୍ୟ ରଞ୍ଜନ ଦାଶ ପ୍ରମୁଖ ଉପସ୍ଥିତ ଥିଲେ ।

## ଖଳିସାହି ଦଶଦୋଳ ମହୋତ୍ସବ

**ଖଣ୍ଡପଡ଼ା,୨୯।୩(ସ୍ୱ.ପ୍ର.)**

ଖଣ୍ଡପଡ଼ା ବ୍ଲକ ଖଳିସାହି ଦଶଦୋଳ ପଡ଼ିଆଠାରେ ସୋମବାର ମଧ୍ୟରାତ୍ରିତଥା ଏକାଦଶୀ ତିଥିରୁ ପାରମ୍ପରିକ ଦଶଦୋଳ ଯାତ୍ରା ଆରମ୍ଭ ହୋଇଛି । ପରମ୍ପରା ଅନୁଯାୟୀ ସ୍ଥାନାଧିପତି ନୀଳକଣ୍ଠେଶ୍ୱର ପ୍ରଥମେ ପାଟପଟୁଆରରେ ରୋଶଣି ସହ ଯାତ୍ରା ପଡ଼ିଆକୁ ବିଜେ କରି ଆସ୍ଥାନ ଗ୍ରହଣ କରିଥିଲେ । ଏହାପରେ ପୀଠାଧିପତିଙ୍କଠାରୁ ନିମନ୍ତ୍ରଣ ପାଇ ଖଳିସାହି ଗ୍ରାମର ୧୦ ଠାକୁର ଓ ପୁଆଣିଆ, ମର୍ଦ୍ଦରାଜପୁର, ବୋଦଶା, ହରିଚନ୍ଦନପୁର, ଗିରିଡ଼ିପାଟଣା, ଚାଉପଲ୍ଲୀ, ଖୁଣ୍ଟୁବନ୍ଧ,ସିଂଘାପଡ଼ା ସମେତ ୨୦ ଠାକୁର ସୁସଜ୍ଜିତ ଦୋଳ ବିମାନରେ ଦେବଦେବୀଙ୍କ ସହ ଶୋଭାଯାତ୍ରାରେ ଆସି ପଡ଼ିଆରେ ଆସ୍ଥାନ ନେଇଥିଲେ। ଏହି ଅବସରରେ ବିଭିନ୍ନ ଗ୍ରାମ ପକ୍ଷରୁ ଆତସବାଜି କାର୍ଯ୍ୟକ୍ରମ ପ୍ରଦର୍ଶିତ ହୋଇଥିଲା । ମଙ୍ଗଳବାର ପୂର୍ବାହ୍ନରେ ସମସ୍ତ ଦେବଦେବୀଙ୍କ ପୂଜାନୀତି ସହ ଭୋଗ ଲାଗି କରାଯାଇଥିଲା। ବହୁ ଶ୍ରଦ୍ଧାଳୁ ଏହି ମେଳଣ ଦର୍ଶନ କରିବାକୁ ଭିଡ଼ ଜମାଇଥିଲେ । ଏହି ଅବସରରେ ଗ୍ରାମବାସୀଙ୍କ ତରଫରୁ ଭଜନ ସମାରୋହ, ପାଇକ ଆଖଡା, ଡ୍ୟାନ୍ସ ଡ୍ୟାନ୍ସ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ଆସନ୍ତା ଗୁରୁବାର ଏହି କାର୍ଯ୍ୟକ୍ରମ ଉଦ୍ଯାପିତ ହେବ ।

**ମେଳଣରେ ସାମିଲ ହେଲେ ୨୨ ଠାକୁର**



ଠାକୁରଙ୍କ ବିମାନକୁ ଶୋଭାଯାତ୍ରାରେ ନିଆଯାଉଛି।

## କଣ୍ଟିଲୋରେ କଳାକାର ସମାବେଶ

**ଖଣ୍ଡପଡ଼ା,୨୯।୩(ସ୍ୱ.ପ୍ର.)**

ଖଣ୍ଡପଡ଼ା, ଭାପୁର ଓ ଗଣିଆ ବ୍ଲକ ଅଞ୍ଚଳର ଶତାଧିକ କଳାକାରଙ୍କ ଏକ ସମାବେଶ ରବିବାର କଣ୍ଟିଲୋ ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳୀରେ ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ କାର୍ଯ୍ୟକ୍ରମରେ ବିଭିନ୍ନ ଅଞ୍ଚଳରୁ ଆସିଥିବା ଭାଗବତ ମାତୃମଣ୍ଡଳୀ, ପାଲା, ଦାସକାଠିଆ ସଂକୀର୍ତ୍ତନ ମଣ୍ଡଳୀର କଳାକାରମାନେ ଯୋଗଦେଇ ସେମାନଙ୍କ କଳା ପ୍ରଦର୍ଶନ କରିଥିଲେ । ଏହି ସମାବେଶରେ ୬ନଂ. ଜିଲା ପରିଷଦ ଜୋନ୍ ସଭ୍ୟା ଉଜ୍ଜ୍ୱଳ ମହାରଣା, ସାମାଜିକ କର୍ମୀ ଦୁଷ୍ମନ୍ତ ସ୍ୱାଇଁ, ପୂର୍ବତନ ବିଧାୟକ ସିଦ୍ଧାର୍ଥ ଶେଖର ସିଂ ଓ ଖଣ୍ଡପଡ଼ା ବିଧାୟକ ସୌମ୍ୟରଞ୍ଜନ ପଟ୍ଟନାୟକ ପ୍ରମୁଖ ଯୋଗ ଦେଇଥିଲେ । ଉକ୍ତ କାର୍ଯ୍ୟକ୍ରମରେ ମଦନମୋହନ ଦାଶ ଅଧକ୍ଷତା କରିଥିଲେ।

## ସାରସ୍ୱତ ସମାରୋହରେ ସମ୍ବର୍ଦ୍ଧନା



ସମ୍ବର୍ଦ୍ଧିତ ହୋଇଥିବା ବ୍ୟକ୍ତିମାନେ ।

**ଖଣ୍ଡପଡ଼ା,୨୯।୩(ସ୍ୱ.ପ୍ର.)**

ସୋମବାର ଯାଜପୁର ଶିଳ୍ପ ତାଲିମ କେନ୍ଦ୍ର (ଆଇଟିଆଇ) କଟିକଟା ପରିସରରେ ରାମଚନ୍ଦ୍ର ମଲ୍ଲିକ ସ୍ମୃତି ସଂସଦ ପକ୍ଷରୁ ସାରସ୍ୱତ ସମାରୋହ ଅନୁଷ୍ଠିତ ହୋଇଯାଇଛି । ଅନୁଷ୍ଠାନର ସଭାପତି ଅଧାପକ ଦାମୋଦର ବେହେରାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ସାହିତ୍ୟିକ ସୂର୍ଯ୍ୟମଣୀ ଖୁଣ୍ଟିଆ ଯୋଗଦେଇଥିଲେ । ଏହି ଅବସରରେ ଖଣ୍ଡପଡ଼ା ବ୍ଲକ ଅଧୀନ କଣ୍ଟିଲୋ ପଞ୍ଚାୟତ ସ୍ଥିତ ହାଟମୁଣ୍ଡ ପାଟଣା ଗ୍ରାମର ଆଧାପିକା ଜ୍ୟୋସ୍ନା ମହାରଣାଙ୍କୁ ଯାଜପୁର ରାମଚନ୍ଦ୍ର ମଲ୍ଲିକ ସ୍ମୃତି ସଂସଦ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି ।

## ହତ୍ୟାର ୧ମାସ ପରେ ବି ପୋଲିସ ଚୁପ୍

**ରାଜଜଙ୍କିଆରେ ନିର୍ବାଚନୀ ପରବର୍ତ୍ତୀ ହିଂସା**

- ପୋଲିସ ବିରୋଧରେ ବଢୁଛି ଅସନ୍ତୋଷ
- ମୁଖ୍ୟମନ୍ତ୍ରୀଙ୍କ ବାସଭବନ ସମ୍ମୁଖରେ ଆତ୍ମାହୁତି ଧମକ

**ନୟାଗଡ଼ ଅଫିସ/ରଣପୁର, ୨୯।୩(ସ୍ୱ.ପ୍ର.)**

ନିର୍ବାଚନୀ ପରବର୍ତ୍ତୀ ହିଂସା ଘଟଣାରେ ନୟାଗଡ଼ ଜିଲା ଚାନ୍ଦପୁର ଥାନା ରାଜଜଙ୍କିଆ ଗାଁରେ ଘଟିଥିବା ବିବେକାନନ୍ଦ ରଣବିଜୁଳି(୨୪) ହତ୍ୟା ଘଟଣାକୁ ଇତିମଧ୍ୟରେ ୧ମାସ ବିତିଛି। ହେଲେ ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରୁନାହିଁ ବୋଲି ଅଭିଯୋଗ ହୋଇଛି। ପୋଲିସର ଏପରି ଅଭିଯୁକ୍ତ ପ୍ରୀତି ବିରୋଧରେ ବିବେକାନନ୍ଦଙ୍କ ବାପା ପବିତ୍ର ମୋହନ ରଣବିଜୁଳି ମୁଖ୍ୟମନ୍ତ୍ରୀଙ୍କ ବାସଭବନ ସମ୍ମୁଖରେ ଆତ୍ମାହୁତି ଦେବେ ବୋଲି ଚେତାବନୀ ଦେଇଛନ୍ତି। ଏନେଇ ପବିତ୍ର ମୁଖ୍ୟମନ୍ତ୍ରୀ, ପୋଲିସ ମହାନର୍ଦ୍ଦେଶକ(ଡିଜିପି), ନୟାଗଡ଼ ଜିଲାପାଳ ଓ ଏସ୍‌ପିଙ୍କୁ ଫେରାଦ୍ ହୋଇଛନ୍ତି ।

ମୃତକଙ୍କ ବାପା ପବିତ୍ର ମୋହନ ରଣବିଜୁଳିଙ୍କ ଅଭିଯୋଗ ଅନୁଯାୟୀ, ତାଙ୍କ ସାନ ପୁଅ ବିବେକାନନ୍ଦ ଦିଲ୍ଲୀରେ ଏକ ଘରୋଇ କମ୍ପାନୀରେ ଗତ ୧୪ମାସ ହେଲା କାମ କରୁଥିଲେ । ୨୦୨୨ ପଞ୍ଚାୟତ ନିର୍ବାଚନରେ ଭୋଟଦେବାକୁ ସେ ଗତମାସ ୧୬ ତାରିଖରେ ଗାଁକୁ ଆସିଥିଲେ। ଫେବୃୟାରୀ ୧୮ରେ ଭୋଟ ଦେଇଥିଲେ। ୨୩ରେ ଦିଲ୍ଲୀ ଫେରିବାର ଥିଲା। ଭୋଟ ଗ୍ରହଣ ଶେଷ ପରେ ପ୍ରିଜାଇଡିଂ ଅଫିସର ଓ ସହକର୍ମୀମାନେ ଭୋଟବାକ୍ସ ନେଇ ବସ୍‌ରେ ଯାଇଥିଲେ। ସେମାନଙ୍କ ବସ୍ ପଛରେ ବିବେକାନନ୍ଦ ଷ୍ଟ୍ରଙ୍ଗରୁମ୍ ପର୍ଯ୍ୟନ୍ତ ଯାଇଥିଲେ । ଏହାଦେଖି ବିବେକାନନ୍ଦଙ୍କୁ ଶାସକ ଦଳର କେତେଜଣ ଆଞ୍ଚଳିକ ନେତା ଓ ସମର୍ଥକ ଧମକଚମକ ଦେଇଥିଲେ । ବିବେକାନନ୍ଦ ସେହି ବ୍ୟକ୍ତିଙ୍କ ନାମ ପରିବାର ଲୋକଙ୍କୁ କହିଥିଲେ। ଫେବୃୟାରୀ ୨୧ ତାରିଖ ଅପରାହ୍ନରେ ସେ ଗାଁର ଡିଗି ପୋଖରୀକୁ ଗାଧୋଇବାକୁ ଯାଇଥିଲେ । ବିଳମ୍ବ ହେବାରୁ ମା' ପୁଅକୁ ଫୋନ୍ କରିଥିଲେ। ପୋଖରୀରେ ସାଙ୍ଗମାନଙ୍କ ସହ କଥା ହେଉଛନ୍ତି ବୋଲି ବିବେକାନନ୍ଦ କହିଥିଲେ। ତେବେ ଅପରାହ୍ନ ୫ଟାରୁ ତାଙ୍କ ଫୋନ୍ ସୁଇଚ୍ ଅଫ୍ ହୋଇ ଯାଇଥିଲା । ପରେ ଆଉ ତାଙ୍କର ଟେର ମିଳି ନ ଥିଲା । ତେବେ ଖଣି ମାଲିକଙ୍କଠାରୁ ଖବର ପାଇ ପୋଲିସ ୨୨ ତାରିଖରେ ଗଛରୁ ବିବେକାନନ୍ଦଙ୍କ ଝୁଲନ୍ତା ମୃତଦେହ ଜବତ କରିଥିଲା । ପୁଅକୁ ପ୍ରତିପକ୍ଷ ଲୋକମାନେ ଶ୍ୱାସରୁଦ୍ଧ କରି ହତ୍ୟା କରିଛନ୍ତି । ପ୍ରମାଣ ନଷ୍ଟ ପାଇଁ ମୃତଦେହକୁ ଗାମୁଛାରେ ବାନ୍ଧି ଆକାଶିଆ ଗଛରେ ଝୁଲାଇ ଦେଇଥିଲେ ବୋଲି ପରିବାର ଲୋକେ ଅଭିଯୋଗ କରିଛନ୍ତି। ଏନେଇ ଥାନାରେ ଅଭିଯୋଗ ପରେ ପୋଲିସ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ନ ଥିବା ଅଭିଯୋଗ ହୋଇଥିଲା। ଏହାପରେ ଚାନ୍ଦପୁର ଥାନା ପୋଲିସ ପିଛିଲା ତାରିଖ ପକାଇ ଚମ୍ପାଗଡ ପଞ୍ଚାୟତର ସରପଞ୍ଚ ପ୍ରାର୍ଥୀ ଶ୍ରୀକୃଷ୍ଣପୁର ଗାଁର ପିୟୁଷ ରଞ୍ଜନ ପରିଡା, ସୁଶାନ୍ତ କୁମାର ବରାଡଙ୍କ ସମେତ ରାଜଜଙ୍କିଆର କାଳୁ ଚରଣ ପ୍ରଧାନ, ଧନେଶ୍ୱର ପ୍ରଧାନ, କୃଷ୍ଣବଳରାମ ପ୍ରଧାନ, ପ୍ରଦୀପ କୁମାର ମାଝି, ପୂର୍ଣ୍ଣ ସାଗର ମାଝି, ବିଶ୍ୱ ରଞ୍ଜନ ପ୍ରଧାନ, ପ୍ରଭାକର ପରିଡା, ଦୀପକ କୁମାର ପରିଡା, ଅଭିମନ୍ୟୁ ପ୍ରଧାନ, ଯୁଧିଷ୍ଠିର ମାଝି, କାହ୍ନୁ ଚରଣ ମାଝି, ଗିରିଶ କୁମାର ପରିଡା, ମଳୟ ରଞ୍ଜନ ପାଇକରାୟ, ଶ୍ରୀନିବାସ ମାଝି, ପ୍ରଶାନ୍ତ କୁମାର ପାଇକରାୟଙ୍କ ସମେତ ୧୭ଜଣଙ୍କ ନାଁରେ ଏକ ହତ୍ୟା ମାମଲା(ନଂ.୨୩/୨୨) ରୁଜୁ କରିଛି । ତେବେ ହତ୍ୟାକାରୀ ଗାଁରେ ବୁଲୁଥିଲେ ମଧ ପୋଲିସ ସେମାନଙ୍କୁ ଜାଣିଶୁଣି ଗିରଫ କରୁ ନ ଥିବା ଅଭିଯୋଗ ହୋଇଛି।

